www.nirbhaysuchana.com
nirbhaysuchanaepaper.com
www.twitter.com/NirbhaySuchana
www.facebook.com/Nirbhaysuchana

NIRBHAY SUCHANA

# ନିର୍ଭୟ ସୂଚନା

RNI No. ODIODI/2015/65606
Postal RegNo.-CK(N)/22/2021-2023

Vol.No.-12, Issue- 36 Wednesday 07 October, 2026, JAJPUR , Page-8, Rs. 5/- | ବର୍ଷ-୧୨, ସଂଖ୍ୟା-୩୬ ବୁଧବାର, ୦୭ ଅକ୍ଟୋବର, ୨୦୨୬, ଯାଜପୁର, ପୃଷ୍ଠା-୮, ମୂଲ୍ୟ-୫ଟଙ୍କା



ଓଁ ଗୌରୀପରଂ ମଦନମନ୍ଦିରା ସୌମ୍ୟାସ୍ୟମ୍
ଲାଙ୍ଗୁଳାଶୂଳାପରୀମଣ୍ଡିତା ହସ୍ତଯୁଗାଂ
ବ୍ରହ୍ମେନ୍ଦ୍ରରୁଦ୍ର ଗଣବନ୍ଦିତା ପାଦପଦ୍ମଂ
ନିତ୍ୟମ୍ ଭଜାମୀ ବିରଜାମ୍ ବିଗାତନୁରଗମ୍

## ହାଲରେ ଶକ୍ତି ଇଞ୍ଜିନର ଦ୍ୱିତୀୟ ମାନୁଫାକ୍ଚରିଙ୍ଗ୍ ଲାଇନ୍ ଉଦଘାଟିତ



### ୨୦୦୦ତମ ଇଞ୍ଜିନକୁ ପ୍ରତୀକାତ୍ମକ ଭାବେ ବାୟୁସେନାକୁ ହସ୍ତାନ୍ତର

ସୁନାବେଡ଼ା, ୦୬/୧୦(ନି.ସୂ): ସୁନାବେଡ଼ା ହାଲ୍ ଠାରେ ଶକ୍ତି ଇଞ୍ଜିନର ଦ୍ୱିତୀୟ ମାନୁଫାକ୍ଚରିଙ୍ଗ୍ ଲାଇନ୍ ଉଦ୍‌ଘାଟିତ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କୋରାପୁଟ ଜିଲ୍ଲାର ସୁନାବେଡା ଠାରେ ହାଲ୍ ମାନୁଫାକ୍ଚରିଙ୍ଗ୍ ୟୁନିଟରେ ଶକ୍ତି ଇଞ୍ଜିନର ଦ୍ୱିତୀୟ ମାନୁଫାକ୍ଚରିଙ୍ଗ୍ ଲାଇନ୍ ଉଦ୍ଘାଟନ କରିଛନ୍ତି। ଏହା ସହିତ ସୁନାବେଡା ହାଲ୍‌ରେ ନିର୍ମିତ ୨୦୦୦ତମ ଇଞ୍ଜିନକୁ ପ୍ରତୀକାତ୍ମକ ଭାବେ ଭାରତୀୟ ବାୟୁସେନାକୁ ହସ୍ତାନ୍ତର କରିଛନ୍ତି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ରାଜନାଥ ସିଂହ କହିଛନ୍ତି ଯେ, ସେ ନିଜକୁ ଏଠାରେ ଅତିଥି ଭାବେ ନୁହେଁ, ବରଂ ହାଲ୍ ପରିବାରର ଜଣେ ସଦସ୍ୟ ଭାବେ ଅନୁଭବ କରୁଛନ୍ତି ।

କୋରାପୁଟର ଏହି କେନ୍ଦ୍ର ଏବଂ ବିଶାଖାପାଟଣାର ଡିଫେନ୍ସ ଓ ନାଭାଲ ଇକୋସିଷ୍ଟମ୍ ମିଶି ପୂର୍ବ ଭାରତ ପାଇଁ ଏକ ନୂଆ ଔଦ୍ୟୋଗିକ ଓ ରଣନୈତିକ ପରିଚୟ ସୃଷ୍ଟି କରିବ । ୧୯୬୪ରୁ ଫ୍ରଣ୍ଟଲାଇନ ବିମାନ ପାଇଁ ଇଞ୍ଜିନ ନିର୍ମାଣ କରିଆସୁଥିବା ହାଲ, କୋରାପୁଟକୁ କେବଳ ଏକ ଫ୍ୟାକ୍ଟ୍ରି ନୁହେଁ, ବରଂ ଏରୋସ୍ପେସ ପ୍ରପଲସନ ଇକୋସିଷ୍ଟମର କେନ୍ଦ୍ରବିନ୍ଦୁ ଭାବେ ବିକଶିତ କରିପାରିଛି । ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ଏବଂ ଏହାର ଆସ୍ଥା ନିରନ୍ତର ଭାବେ ବୃଦ୍ଧି ପାଉଛି। ଦେଶର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ନିଜର ଭୌଗୋଳିକ ସ୍ଥିତି, ସୁଦୀର୍ଘ ସମୁଦ୍ର ଉପକୂଳ, ବିଭିନ୍ନ ପ୍ରମୁଖ ବନ୍ଦର, ବିପୁଳ ଖଣିଜ ସମ୍ପଦ, ଉନ୍ନତ ଇଞ୍ଜିନିୟରିଂ ଦକ୍ଷତା, ଶିଳ୍ପାଞ୍ଚଳ ଭିତ୍ତିଭୂମି ଏବଂ କୁଶଳୀ ମାନବ ସମ୍ବଳର ଏକ ମଜବୁତ ଆଧାର ବଳରେ ଦେଶର ପ୍ରତିରକ୍ଷା ଉତ୍ପାଦନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ରାଜନାଥ ସିଂହ କହିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିଜର ଅଭିଭାଷଣରେ ଓଡ଼ିଶାରେ ମେଟାଲ ଡାଉନଷ୍ଟ୍ରିମ, ସେମିକଣ୍ଡକ୍ଟର ଓ ଆଇଟି ପରି ଶିଳ୍ପର ବ୍ୟାପକ ଅଭିବୃଦ୍ଧି ହେଉଥିବା ବିଷୟରେ ଆଲୋକପାତ କରିଥିଲେ। ଏହିସବୁ ଶିଳ୍ପଗୁଡିକ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ପାଇଁ ସହାୟକ ହେବ ବୋଲି ମତ ପ୍ରକାଶ କରିବା ସହିତ ରାଜ୍ୟରେ ଆଉ ଏକ ପ୍ରତିରକ୍ଷା ନିର୍ମାଣ ୟୁନିଟ୍ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛନ୍ତି । ଭାରତର ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନକୌଶଳ ଓ ଆତ୍ମନିର୍ଭରଶୀଳତାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଶିଳ୍ପ ଓ ପ୍ରତିରକ୍ଷା ହବ୍ ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର ବୋଲି ସିଏମ୍ ମାଝୀ କହିଥଲେ। ଏହି ଅବସରରେ ନବରଙ୍ଗପୁରର ସାଂସଦ ବଳଭଦ୍ର ମାଝୀ, କୋଟପାଡ଼ର ବିଧାୟକ ରୂପୁ ଭତ୍ରା, ଲକ୍ଷ୍ମୀପୁରର ବିଧାୟକ ପବିତ୍ର ସାଉଁଟା, କୋରାପୁଟ ବିଧାୟକ ରଘୁରାମ ମାଛ, କେନ୍ଦ୍ରୀୟ ପ୍ରତିରକ୍ଷା ଉତ୍ପାଦନ ବିଭାଗର ସଚିବ ସଞ୍ଜୀବ କୁମାର, ହାଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କେ. ରବି, ଏୟାର ହେଡକ୍ୱାର୍ଟରର ଡେପୁଟି ଚିଫ୍ ଅଫ୍ ଏୟାର ଷ୍ଟାଫ୍ ଏୟାର ମାର୍ଶାଲ ତେଜ ପାଲ ସିଂହ, ଏବଂ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସମେତ ସଂସ୍ଥାର ପ୍ରମୁଖ ବୈଜ୍ଞାନିକ, ଇଞ୍ଜିନିୟର, ବରିଷ୍ଠ ଅଧିକାରୀ ଓ କର୍ମଚାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

## ପଦାର୍ଥ ବିଜ୍ଞାନ ପାଇଁ ନୋବେଲ ଘୋଷଣା, ସମ୍ମାନିତ ହେବେ ଫ୍ରାନ୍ସିସ୍ ହାଲଜେନ୍

ଭୁବନେଶ୍ୱର, ୦୬/୧୦: ଫିଜିକ୍ସ ପାଇଁ ନୋବେଲ ଘୋଷଣା । ପଦାର୍ଥ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ଘୋଷଣା କରିଛି ନୋବେଲ କମିଟି । ଫ୍ରାନ୍ସିସ ହାଲ୍ ଜେନଙ୍କୁ ମିଳବ ନୋବେଲ ସମ୍ମାନ । ରୟାଲ୍ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନସ୍ସେ ପକ୍ଷରୁ ତାଙ୍କୁ ଆଇସକ୍ୟୁବ୍ ନ୍ୟୁଟ୍ରିନୋ ଅବଜରଭେଟୋରିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଏବଂ ମହାକାଶରୁ ପୃଥିବୀକୁ ଆସୁଥିବା ଅତ୍ୟଧିକ ଶକ୍ତିଶାଳୀ ନ୍ୟୁଟ୍ରିନୋ କଣିକାର ଆବିଷ୍କାର ପାଇଁ ଏହି ସମ୍ମାନ ଦିଆଯିବ। ନ୍ୟୁଟ୍ରିନୋ ହେଉଛି ଅତ୍ୟନ୍ତ କ୍ଷୁଦ୍ର କଣିକା। ଏଗୁଡ଼ିକ ସୂର୍ଯ୍ୟ, ତାରା ଏବଂ ମହାକାଶରେ ଘଟୁଥିବା ଅତ୍ୟନ୍ତ ଶକ୍ତିଶାଳୀ ଘଟଣାରୁ ଉତ୍ପନ୍ନ ହୁଅନ୍ତି। ପ୍ରତି ସେକେଣ୍ଡରେ କୋଟି କୋଟି ନ୍ୟୁଟ୍ରିନୋ ଆମ ଶରୀର ଏବଂ ପୃଥିବୀ ଦେଇ ଅତିକ୍ରମ କରୁଥିଲେ ମଧ୍ୟ ଏହାର ପ୍ରଭାବ ଆମେ ଅନୁଭବ କରିପାରୁନାହୁଁ । ଏହି କଣିକାଗୁଡ଼ିକ ଅଧିକାଂଶ ପଦାର୍ଥ ମଧ୍ୟରେ କୌଣସି ଧକ୍କା ନଦେଇ ଅତିକ୍ରମ କରିଯାଆନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଫ୍ରାନ୍ସିସ ହାଲ୍



ଜେନ ସଫଳ ହୋଇଛନ୍ତି । ତେଣୁ ତାଙ୍କୁ ଆସନ୍ତା ଡିସେମ୍ବରରେ ସ୍ୱିଡେନ୍ ର ରାଜଧାନୀ ଷ୍ଟକହୋମରେ ସମ୍ମାନିତ କରାଯିବ

## ୨ ଦିନ ରାଜ୍ୟରେ ବର୍ଷା !

ଭୁବନେଶ୍ୱର ୬/୧୦ (ନି.ସୂ): ଭିଜିବ ଓଡିଶା। ଉତ୍ତର ଓଡିଶାର କିଛି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ରହିଛି ବର୍ଷା ସମ୍ଭାବନା। ୭ ଓ ୮ ତାରିଖରେ ୯ ଜିଲାକୁ ବର୍ଷା ପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାସହ ୨୪ ଘଣ୍ଟା ପାଇଁ ୪ ଜିଲା ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ ଓ ବାଲେଶ୍ୱରକୁ ୟେଲୋ ଆଲର୍ଟ ଜାରି ହୋଇଛି। ବିଜୁଳି ଘଡଘଡି ସହ ପବନର ବେଗ ସ୍ଥାନେ ସ୍ଥାନେ ୩୦ରୁ କିମି ବେଗରେ ରହିବାର ସମ୍ଭାବନା ରହିଛି। ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି।

## ଏୟାର ମାର୍ଶଲ ଆଶୁତୋଷ ହେବେ ଭାରତୀୟ ବାୟୁସେନାର ମୁଖ୍ୟ



ନୂଆଦିଲ୍ଲୀ ୬/୧୦: ବାୟୁସେନାର ବରିଷ୍ଠ ଅଧିକାରୀ ଏୟାର ମାର୍ଶଲ ଆଶୁତୋଷ ଦୀକ୍ଷିତଙ୍କୁ ଭାରତୀୟ ବାୟୁସେନାରର ନୂତନ ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି। ବାୟୁସେନାର ସର୍ବୋଚ୍ଚ ପଦବୀ ଦାୟିତ୍ୱ ହାତକୁ ନେବାକୁ ଥିବା ଏହି ଅଧିକାରୀଙ୍କ ପାଖରେ ପ୍ରାୟ ୪ ଦଶନ୍ଧିର ସାମରିକ ସେବା ଏବଂ ବ୍ୟାପକ ଉଡ଼ାଣ ଅଭିଜ୍ଞତା ରହିଛି। ଡିସେମ୍ବର ୬, ୧୯୮୬ ରେ ସେ ଭାରତୀୟ ବାୟୁସେନାର ଫାଇଟର୍ ଷ୍ଟ୍ରିମ୍‌ରେ ଜଣେ ସାହସୀ ପାଇଲଟ୍ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ, ଯାହା ପରଠାରୁ ସେ ଦେଶର ବହୁ ଗୁରୁତ୍ୱପୂର୍ଣ୍ଣ ସାମରିକ ଦାୟିତ୍ୱ ସଫଳତାର ସହ ତୁଲାଇଛନ୍ତି। ନୂତନ ବାୟୁସେନା ମୁଖ୍ୟ ନିଜର ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ ଭାରତୀୟ ଜ୍ଞାନକୌଶଳରେ ନିର୍ମିତ ହାଲୁକା ଯୁଦ୍ଧବିମାନ 'ଏଲସିଏ ତେଜସ', ମିରାଜ-୨୦୦୦, ଜାଗୁଆର, ମିଗ୍ ଭାରିଆଣ୍ଟ, ଆଇଏଲ୍-୭୮, ଏଏନ୍-୩୨, ହକ୍ ଏବଂ କିରଣ ଭଳି ବହୁ ଅତ୍ୟାଧୁନିକ ପ୍ରତିରକ୍ଷା ବିମାନ ସଫଳତାର ସହ ଉଡ଼ାଇଛନ୍ତି। ଜଣେ ପରୀକ୍ଷାମୂଳକ ଟେଷ୍ଟ ପାଇଲଟ୍ ଏବଂ ଯୋଗ୍ୟ ଫ୍ଲାଇଙ୍ଗ୍ ଇନଷ୍ଟ୍ରକ୍ଟର ଭାବେ ତାଙ୍କ ପାଖରେ ପ୍ରାୟ ୩,୫୦୦ରୁ ଊର୍ଦ୍ଧ୍ୱ ଘଣ୍ଟା ଉଡ଼ାଣର ବିଶାଳ ଅଭିଜ୍ଞତା ରହିଛି। ସେ ନ୍ୟାସନାଲ ଡିଫେନ୍ସ ଏକାଡେମୀ, ବାଂଲାଦେଶର ଡିଫେନ୍ସ ଷ୍ଟାଫ୍ ସର୍ଭିସେସ୍ କଲେଜ ଏବଂ ନ୍ୟାସନାଲ ଡିଫେନ୍ସ କଲେଜର ଜଣେ ପ୍ରତିଭାବାନ ପ୍ରାକ୍ତନ ଛାତ୍ର ଅଟନ୍ତି। ବାୟୁସେନାରେ କାର୍ଯ୍ୟ କରିବା ସମୟରେ ଏୟାର ମାର୍ଶଲ ଦୀକ୍ଷିତ ଅନେକ ବଡ଼ ସାମରିକ ମିଳିତ ଅଭିଯାନ ଏବଂ ଆନ୍ତର୍ଜାତୀୟ ଅଭ୍ୟାସରେ ସାମିଲ ହୋଇଛନ୍ତି। ସେ କାର୍ଗିଲ ଯୁଦ୍ଧ ସମୟର 'ଅପରେସନ୍ ସଫେଦ ସାଗର', 'ଅପରେସନ୍ ରକ୍ଷକ', 'କୋପ୍ ଇଣ୍ଡିଆ' ଏବଂ 'ଅପରେସନ୍ ସିନ୍ଦୂର'ରେ ନିଜର ରଣନୈତିକ ନେତୃତ୍ୱ ପ୍ରଦର୍ଶନ କରିଥିଲେ।

**ଗଡ଼ମଧୁପୁର ଗଣ୍ଡଗୋଳକୁ ୫୮ ଘଣ୍ଟା ବିତିଲା | ପୋଲିସ ହାତ ଖାଲି | ପୋଲିସର ଭୂମିକା ସନ୍ଦେହରେ**

## ବିଜେଡିର ପରବର୍ତ୍ତୀ ପଦକ୍ଷେପ ଉପରେ ନଜର

ଯାଜପୁର୬/୧୦ (ନି.ସୂ): ଦିନକୁ ଦିନ ଧର୍ମଶାଳା ଅଧିକରୁ ଅଧିକ ଅଶାନ୍ତ ହୋଇ ପଡୁଛି । ପରିବର୍ତ୍ତନ କୁ ୨୮ ମାସ ପୁରିଛି କିନ୍ତୁ ଲୋକେ ଆଜି ଅନୁତପ୍ତ ଓ ଚକିତ । ଏଠି ରଚନା ଚାଲିଛି ଆତଙ୍କର ନୂଆ ଇତିହାସ ଓ ଲୋକେ ଦେଖୁଛନ୍ତି ନିତି ନିତି ନୂତନ ଆକ୍ରମଣ ଓ ପ୍ରତି ଆକ୍ରମଣ ର ଏପିସୋଡ । ଧର୍ମଶାଳା ର ପୂର୍ବତନ ବିଧାୟକ ଙ୍କ ଉପରେ ବଢିଚାଲିଛି ଲଗାତାର ମରଣାତ୍ମକ ଆକ୍ରମଣ ।କୁରିକଣା ଛକ ର ଅଣ୍ଡା ମାଡ ହେଉ କି ଆରୁହା ହିଙ୍ଗୁଳା ଯାତ୍ରା ବେଳର ମାଡ଼, ପନ୍ଥୁରୀର ବର୍ବୋରଚିତ, ଅମାନୁଷିକ ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ଗଡ଼ମଧୁପୁରର ଆକ୍ରମଣ ଧର୍ମଶାଳା ର ଆଇନ ଶୃଙ୍ଖଳା ଉପରେ ପ୍ରଶ୍ନ ବାଚି ଠିଆକରିଛି । ପୋଲିସ ଉପସ୍ଥିତ ଅଛି ଅଥଚ ଜଣେ ପୂର୍ବତନ ବିଧାୟକ ଙ୍କ ଉପରେ ଚାଲିଥିଲା ମରଣାତ୍ମକ ଆକ୍ରମଣ, କିନ୍ତୁ ପୋଲିସ କାର୍ଯ୍ୟାନୁଷ୍ଠାନ ବଦଳରେ ହାତ ଟେକିଦେବା, ନିଜ ସୁରକ୍ଷା ପାଇଁ ସୁରକ୍ଷିତ ସ୍ଥାନ ଖୋଜିବା, ମୋବାଇଲ ରେ ଗଣ୍ଡଗୋଳ ର ଭିଡିଓ ଉତ୍ତୋଳନ କରିବା, ସର୍ବୋପରି ଦେଖଣା ହାରି ସାଜିବା କୋଉଠିନା କୋଉଠି ପୋଲିସ ର କାର୍ଯ୍ୟକଳାପ ଉପରେ ସନ୍ଦେହ ସୃଷ୍ଟି କରୁ ନାହିଁକି ?

ପ୍ରଣବଙ୍କ ଅଭିଯୋଗ ଅନୁସାରେ



ବିଜେଡି ସୁପ୍ରିମ ନବୀନ ପଟ୍ଟନାୟକ ଙ୍କ ନିର୍ଦ୍ଦେଶ କ୍ରମେ ଧର୍ମଶାଳା ର ପୂର୍ବତନ ବିଧାୟକ ତାଙ୍କ ସମର୍ଥକ ଙ୍କ ସହ ଗତ ରବିବାର ମଧ୍ୟାହ୍ନ ସମୟରେ ଗଡ଼ମଧୁପୁର ପଞ୍ଚାୟତ ରେ ଜନସମ୍ପର୍କ ପଦଯାତ୍ରା ଶାନ୍ତି ଶୃଙ୍ଖଳା ସହ ସାରି ଫେରିବା ବାଟରେ ସ୍ୱାଧୀନ ବିଧାୟକ ଙ୍କ ଶତାଧିକ ସମର୍ଥକ ବିଭିନ୍ନ ମାରଣାସ୍ତ୍ର ଓ ଢେଲା ପଥର ସହ ତାଙ୍କ ଗାଡି ଉପରକୁ ଆକ୍ରମଣ କରିବା ସହ ବ୍ୟାପକ ଭଙ୍ଗାରୁଜା କରି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ । ସବୁଠୁ ଆଶ୍ଚର୍ଯ୍ୟ ର କଥା ଖୋଦ ଜେନାପୁର ଆଇଆଇସି ତାଙ୍କ ଟିମ ର ଉପସ୍ଥିତିରେ ସବୁ ଘଟଣା ଘଟିଗଲା ଯାହାକୁ ଉପସ୍ଥିତ ପୋଲିସ ଭିଡ଼ିଓ ରେକଡିଙ୍ଗ ମଧ୍ୟ କରିଥିଲେ । ଏହାକୁ ନେଇ ପ୍ରଣବ ଙ୍କ ସହିତ ପୁରା ଯାଜପୁର ବିଜେଡି ଏସପି ଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ରେ ବସିବା ଏବଂ ନବୀନ ଙ୍କ ଟ୍ୱିଟ ପରେ ଏସପି ଧାରଣା ରତ ବିଜେଡି ନେତୃ ବୃନ୍ଦ ଙ୍କ ସହ ଆଲୋଚନା ସହ ୪୮ ଘଣ୍ଟାରେ ଦୋଷିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶୃତି ଦେଇଥିଲେ ଏବଂ ପ୍ରଣବ ଙ୍କ ସୁରକ୍ଷା ନିମନ୍ତେ ଏକ ଏସ୍କଟ ବ୍ୟବସ୍ଥା ବି କରିଥିଲେ । ଘଟଣା କୁ ୧୮ ଘଣ୍ଟା ପୂରିନି ପୁଣି ଜଣେ ପ୍ରଣବ ଙ୍କ ସମର୍ଥକ ମନୋଜ ଦାସ ଙ୍କ ଉପରେ ଜାରକା ରେ ମରଣାନ୍ତକ ଆକ୍ରମଣ ହେବା ଲାଗୁଛି ଅପରାଧୀଙ୍କ ର ପୋଲିସ ଓ ଆଇନ ଉପରୁ ଦରଭୟ ଛାଡି ଗଲାଣି ନା ପୋଲିସ ଗିରଫ ଦାରି ନ କରି ପରିବେଶ କୁ ଅଶାନ୍ତ ପାଇଁ ପଣ କରିଛି ? ଅନ୍ୟ ଘଟଣା କ୍ରମରେ ଶାସକ ବିଧାୟକଙ୍କ ସମର୍ଥକ ଙ୍କ ପକ୍ଷରୁ ପ୍ରଣବ ନାଁରେ ପାଲଟା ଅଭିଯୋଗ ମଧ୍ୟ ଜେନାପୁର ଥାନାରେ ହୋଇଛି ଏବଂ ପ୍ରଣବଙ୍କ ଗିରଫଦାରୀ ନେଇ ଥାନା ଆଗରେ ବିକ୍ଷୋଭ କରାଯାଇଛି ।

ଯାହାକୁ ନେଇ ସମଗ୍ର ଧର୍ମଶାଳା ରେ ରୋଚକ ସ୍ଥିତି ଉପୁଜିଛି। କିନ୍ତୁ ସମଗ୍ର ଘଟଣା ଉପରେ ବିଧାୟକ ଙ୍କ ନୀରବତା ନେଇ ସାଧାରଣରେ ନାନା ପ୍ରଶ୍ନ ଉଠୁଛି । ବିଧାୟକ ହିମାଂଶୁ ଙ୍କ ନେତା ନୁହେଁ ସେବକ ନାରା ଉପରେ ଆଜି ପ୍ରଶ୍ନ ବାଚୀ । ହିମାଂଶୁ ଙ୍କ ଲୋକପ୍ରିୟତା କୁ ମଳିନ କରିବାକୁ କିଏ ଷଡଯନ୍ତ୍ର କରୁ ନାହିଁତ ? ଲୋକେ କହୁଛନ୍ତି ଆମକୁ ଶାନ୍ତି ଦରକାର, ପରିବର୍ତନ କରିଥିଲୁ କଣ ଧର୍ମଶାଳା କୁ ଅଶାନ୍ତ, ଅରାଜକତା ଓ ଗୁଣ୍ଡାରାଜ ଓ ମାଫିଆଙ୍କ ଆଡ୍ଡା ସ୍ଥଳ ରୂପେ ଦେଖିବାକୁ । ବୁଦ୍ଧିଜୀବିଙ୍କ ମତରେ ଜଣେ ଯେତେ ଭଲ କାମ କରୁପଛେ ଯଦି ଲୋକ ଙ୍କ ମନରେ ଭୟ, ଜୀବନ ଆତଙ୍କିତ ରେ କଟେ ତେବେ ସବୁ ତପସ୍ୟା ଶୁଖିଆ ଝୋଳରେ ନଷ୍ଟ ହେବା ସହ ସମାନ । ଆଜିର ଅଶାନ୍ତ ଧର୍ମଶାଳା ପାଇଁ ସାଧାରଣ ଜନତା ମର୍ମାହତ ଓ ଚକିତ। ଏବେ ବି ସମୟ ଆସଛି ପୋଲିସ, ପ୍ରଶାସନ ଓ ନେତା ଆଗକୁ ଆସନ୍ତୁ, ଶାନ୍ତ, ସଶକ୍ତ ଧର୍ମଶାଳା ଗଠନ ନିମନ୍ତେ ଶପଥ ନେଇ ଲୋକଙ୍କୁ ଶାନ୍ତିରେ ବଂଚିବାକୁ ଦିଅନ୍ତୁ । ଅନ୍ୟ ପଟେ ଏସପି ଙ୍କ ପ୍ରତଶୃତି କୁ ୪୮ଘଣ୍ଟା ବିତିଲା, କଷ୍ଟ ବି ପୁରିଲା, ଗଣ୍ଡଗୋଳ ର ଭିଡିଓ କ୍ଲିପ ଓ ସି ସି ଟିଭି ଫୁଟେଜ ଥିବା ସତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ ଯାହାକୁ ନେଇ ପୋଲିସ ଉପରୁ ଲୋକଙ୍କ ଭରସା ଓ ବିଶ୍ୱାସ ଭାଙ୍ଗିବାରେ ଲାଗୁଛି ।

## ଦିଲ୍ଲୀରେ ଏସ୍ଆଇଆର ବିରୋଧରେ ବିରୋଧୀଙ୍କ ଶୋଭାଯାତ୍ରା; ଧାରଣାରେ ରାହୁଲ ଏବଂ ପ୍ରିୟଙ୍କା

ନୂଆଦିଲ୍ଲୀ ୬/୧୦ : ବିରୋଧୀ ଦଳ ନେତା ଏବଂ ସାଂସଦମାନେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ହଟାଇବା ଦାବି କରି ମଙ୍ଗଳବାର ସଂସଦରୁ ନିର୍ବାଚନ ଗୃହ ପର୍ଯ୍ୟନ୍ତ ଏକ ପଦଯାତ୍ରା ଆରମ୍ଭ କରିଛନ୍ତି। ଯୋଜନାବଦ୍ଧ ପଦଯାତ୍ରାକୁ ଦୃଷ୍ଟିରେ ରଖି, ଦିଲ୍ଲୀ ପୁଲିସ ବିଜୟ ଚୌକ ଏବଂ ଆଖପାଖ ଅଞ୍ଚଳରେ ସୁରକ୍ଷା ବୃଦ୍ଧି କରି ବହୁସ୍ତରୀୟ ବ୍ୟାରିକେଡ୍ ନିର୍ମାଣ କରିଛନ୍ତି। ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଭାରତ ଆଲାଇନ୍ସର ଅନେକ ସାଂସଦଙ୍କ ସହିତ, ସଂସଦରୁ ନୂଆଦିଲ୍ଲୀରେ ଭାରତୀୟ ନିର୍ବାଚନ କମିଶନଙ୍କ ନିକଟକୁ ଶୋଭାଯାତ୍ରା କରିଥିଲେ। ସେମାନେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବି କରିଥିଲେ। ପ୍ରତିବାଦକାରୀମାନେ ସରକାର ଏବଂ ନିର୍ବାଚନ ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ ଏବଂ ଭୋଟର ତାଲିକାର ଏସଆଇଆର ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ ଭାଡ୍ରା ଏବଂ ଏନସିପି (ଏସପି)ର ସୁପ୍ରିୟା ସୁଲେଙ୍କ ସମେତ ଅନ୍ୟ ବିରୋଧୀ ସାଂସଦମାନେ ପ୍ରତିବାଦରେ ଅଂଶଗ୍ରହଣ କରିଥିଲେ।

ପୁଲିସ କଂଗ୍ରେସ ନେତାମାନଙ୍କୁ ବ୍ୟାରିକେଡ୍‌ରେ ମଝି ରାସ୍ତାରେ ଅଟକାଇ ଦେଇଥିଲା, ଯାହା ଫଳରେ ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖାଯାଇଛି। ଏହି ପଦଯାତ୍ରା ବିରୋଧୀ ଦଳର ବୃହତ "ଗଣତନ୍ତ୍ର ବଞ୍ଚାଅ" ଅଭିଯାନର ଏକ ଅଂଶ, ଯାହା ଭୋଟର ତାଲିକାରେ ଅନିୟମିତତା ଉପରେ କେନ୍ଦ୍ରିତ ଏବଂ ନିର୍ବାଚନ କମିଶନଙ୍କ ଠାରୁ ଅଧିକ ସ୍ୱଚ୍ଛତା ଦାବି କରେ। କଂଗ୍ରେସ ସାଂସଦ ଧର୍ମବୀର ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ ଲକ୍ଷ ଲକ୍ଷ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯାଇଛି ଏବଂ ସରକାର ଏବଂ ନିର୍ବାଚନ କମିଶନ ନେତୃତ୍ୱ ଉପରେ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ଦୁର୍ବଳ କରିବାର ଅଭିଯୋଗ ଆଣିଛନ୍ତି। ସେ ଦାବି କରିଛନ୍ତି ଯେ ପ୍ରାୟ ୧୩୦ ନିୟୁତ ଭୋଟ ବାଦ ଦିଆଯାଇଛି ଏବଂ ଏହି ଅଭିଯୋଗ ପ୍ରକ୍ରିୟାକୁ ଭୋଟରଙ୍କ ଗଣତାନ୍ତ୍ରିକ ଅଧିକାର ଉପରେ ଏକ ବଡ଼ ଆକ୍ରମଣ ଭାବରେ ବର୍ଣ୍ଣନା କରିଛନ୍ତି। ଶାସକ ବିଜେପି ଏହି ଅଭିଯୋଗଗୁଡ଼ିକୁ ଦୃଢ଼ ବିରୋଧ କରିଛି। କଂଗ୍ରେସ ରାଜ୍ୟସଭା ସାଂସଦ ସୟଦ ନାସିର ହୁସେନ କହିଛନ୍ତି ଯେ ବିରୋଧୀଙ୍କ ମୁଖ୍ୟ ଦାବି ମଧ୍ୟରେ ଏସଆଇଆର ପ୍ରକ୍ରିୟା ବାତିଲ କରିବା, ଭୋଟର ତାଲିକାରୁ କଥିତ ଭାବରେ କଟାଯାଇଥିବା ନାମଗୁଡ଼ିକୁ ପୁନଃସ୍ଥାପିତ କରିବା ଏବଂ ଏହି ମାମଲାର ଉଚ୍ଚସ୍ତରୀୟ ତଦନ୍ତ କରିବା ଅନ୍ତର୍ଭୁକ୍ତ। ହୁସେନ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟରେ ରାଜନୈତିକ ହସ୍ତକ୍ଷେପ ମଧ୍ୟ ଅଭିଯୋଗ କରିଛନ୍ତି, ଶାସକ ଦଳ ବିରୋଧୀଙ୍କୁ ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଛନ୍ତି। କଂଗ୍ରେସ ରାଜ୍ୟସଭା ସାଂସଦ ସୟଦ ନାସିର ହୁସେନ କହିଛନ୍ତି ଯେ ବିରୋଧୀଙ୍କ ମୁଖ୍ୟ ଦାବି ମଧ୍ୟରେ ଏସଆଇଆର ପ୍ରକ୍ରିୟା ବାତିଲ କରିବା, ଭୋଟର ତାଲିକାରୁ କଟାଯାଇଥିବା ନାମଗୁଡ଼ିକୁ ପୁନଃସ୍ଥାପିତ କରିବା ଏବଂ ଏହି ମାମଲାର ଉଚ୍ଚସ୍ତରୀୟ ତଦନ୍ତ କରିବା ଅନ୍ତର୍ଭୁକ୍ତ। ହୁସେନ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟରେ ରାଜନୈତିକ ହସ୍ତକ୍ଷେପ ମଧ୍ୟ ଅଭିଯୋଗ କରିଛନ୍ତି, ଅନ୍ୟପଟେ ଶାସକ ଦଳ ବିରୋଧୀ ଦଳ ଉପରେ ସାମ୍ବିଧାନିକ ପ୍ରତିଷ୍ଠାନଗୁଡ଼ିକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଛନ୍ତି।




**ନବୀନଙ୍କ ନିର୍ଭୀକତା**

## ସରୁଛି କି ବିଜେପିର ଏକଚାଟିଆ ସମୟ ?

**ସତ୍ୟବ୍ରତ ପାତ୍ର**

ଭୁବନେଶ୍ୱର,୬/୧୦(ନି.ସୂ.): ଦୀର୍ଘ ଦୁଇ ଦଶନ୍ଧି ଧରି କେନ୍ଦ୍ର ସରକାରଙ୍କ ସହ ସିଧାସଳଖ ସଂଘାତକୁ ଏଡ଼ାଇ ଆସୁଥିବା ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବେ ନିଜର ପୁରୁଣା ରାଜନୈତିକ ଢାଞ୍ଚାରୁ ବାହାରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଦିଲ୍ଲୀରେ ଆୟୋଜିତ ଇଣ୍ଡିଆ ମେଣ୍ଟର ବିରୋଧ ପଦଯାତ୍ରାରେ ବିଜେଡି ସାମିଲ ହେବା ନିଷ୍ପତ୍ତି ଏକ ବଡ଼ ରାଜନୈତିକ ବାର୍ତ୍ତା ବହନ କରୁଛି। ଏସ୍ଆଇଆର୍ ନାମରେ ଦେଶରୁ ୧୩ କୋଟି ଏବଂ ଓଡ଼ିଶାରୁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କ ନାମ କାଟିବା ଅଭିଯୋଗକୁ ନେଇ ବିଜେଡି ଏବେ ଆକ୍ରମଣାତ୍ମକ ରୂପ ଧାରଣ କରିଛି। ତେବେ ଏହି ଆନ୍ଦୋଳନ କେବଳ ଭୋଟର




ତାଲିକା ତ୍ରୁଟିରେ ସୀମିତ ନାହିଁ, ବରଂ ଏହା ପଛରେ ରହିଛି ନବୀନଙ୍କ ଏକ ସୁଚିନ୍ତିତ ରାଜନୈତିକ ଆକଳନ- 'ବିଜେପିର ଏକଚାଟିଆ କ୍ଷମତାର ସମୟ ସରି ଆସୁଛି।'

ରାଜନୈତିକ ଦୃଷ୍ଟିକୋଣରୁ ବିଚାର କଲେ, ପୂର୍ବରୁ ନବୀନ କେବେବି ସିଧାସଳଖ କେନ୍ଦ୍ର ସରକାର ବା ବିଜେପିର ଶୀର୍ଷ ନେତୃତ୍ୱଙ୍କ ସାମ୍ନାକୁ ଆସିବାକୁ ଚାହୁଁନଥିଲେ। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଲ୍‌ରେ କେନ୍ଦ୍ରକୁ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ସମର୍ଥନ ଦେଇ ସେ ନିଜର ଏକ ସୁରକ୍ଷିତ ସ୍ଥାନ ବଜାୟ ରଖିଥିଲେ। କିନ୍ତୁ ବର୍ତ୍ତମାନର ଏହି ରଣନୀତିକ ପରିବର୍ତ୍ତନ ସ୍ପଷ୍ଟ କରୁଛି ଯେ, ନବୀନ ଏବେ ଅନୁଭବ କଲେଣି କେନ୍ଦ୍ର ବିଜେପି ପାଖରେ ଆଉ ପୂର୍ବ ଭଳି ଅପରାଜେୟ ଶକ୍ତି ନାହିଁ। ଆଗକୁ ଅଧିକ ଦିନ ଧରି ଏକକ ସଂଖ୍ୟାଗରିଷ୍ଠତା ବଳରେ କ୍ଷମତା ଧରି ରଖିବା ବିଜେପି ପାଇଁ କଷ୍ଟକର। ଏପରିକି ଯଦି ଦଳ କ୍ଷମତାରେ ରୁହେ, ତେବେ ବିରୋଧୀ ଦଳଗୁଡ଼ିକ ଉପରେ ପୂର୍ବ ଭଳି ଏକଚାଟିଆ ଓ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ନେବା କେନ୍ଦ୍ର ସରକାରଙ୍କ ପାଇଁ ଆଉ ସମ୍ଭବ ନୁହେଁ। ତେଣୁ ନବୀନ ଏବେ କେନ୍ଦ୍ର ବିଜେପିକୁ ନିଜ ଦଳ ପାଇଁ ଆଉ ଏକ ବଡ଼ 'ବିପଦ' ବା 'ଭୟ' ଭାବେ ଗ୍ରହଣ କରୁନାହାନ୍ତି।

ଏହି ପ୍ରସଙ୍ଗରେ ରାଜ୍ୟସ୍ତରୀୟ ଘଟଣାବଳୀ ମଧ୍ୟ ବିଜେଡିକୁ ଖୋରାକ ଯୋଗାଇଛି। ଧାମନଗରରେ ବିଏଲଓଙ୍କ ଅଜ୍ଞାତସାରରେ ସଂଖ୍ୟାଲଘୁ ସମ୍ପ୍ରଦାୟର ୨୨୭ ଭୋଟ୍ କାଟିଦିଆଯିବା ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସ୍ୱେଚ୍ଛାକୃତ ଅବସର ଘଟଣା ନିର୍ବାଚନ ପ୍ରକ୍ରିୟା ଉପରେ ବଡ଼ ପ୍ରଶ୍ନଚିହ୍ନ ଲଗାଇଛି। ସର୍ବୋପରି ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଏବଂ ନିର୍ବାଚନ କମିଶନଙ୍କ ପୂର୍ବ ନିର୍ଦ୍ଦେଶକୁ ଖଣ୍ଡନ କରିବା ଘଟଣା କେନ୍ଦ୍ର ସରକାର ତଥା ସାମ୍ବିଧାନିକ ସଂସ୍ଥାକୁ ଅଡୁଆରେ ପକାଇଛି। ଏଭଳି ସ୍ଥିତିରେ ବରିଷ୍ଠ ସାମ୍ବାଦିକ ରବି ଦାସଙ୍କ ବିଶ୍ଳେଷଣ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ତାଙ୍କ ମତରେ ନବୀନ ସର୍ବଦା ଜନମତ ସହ ଯିବାକୁ ପସନ୍ଦ କରନ୍ତି। ଅତୀତରେ ଆନ୍ନା ହଜାରେଙ୍କ ଆନ୍ଦୋଳନ ସମୟରେ ମଧ୍ୟ ସେ ସମାନ ଆଭିମୁଖ୍ୟ ଗ୍ରହଣ କରିଥିଲେ। ଏବେ ସାରା ଦେଶରେ ସିଇସିଙ୍କ ଏକତରଫା କାର୍ଯ୍ୟକୁ ନେଇ ଯେଉଁ ଜନଅସନ୍ତୋଷ ସୃଷ୍ଟି ହୋଇଛି, ନବୀନ ସେହି 'ଟ୍ରେଣ୍ଡ୍' ବା ଧାରା ସହ ନିଜକୁ ଯୋଡ଼ିଛନ୍ତି।



ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ ସ୍ପଷ୍ଟ କରିଛନ୍ତି ଯେ, କାଗଜପତ୍ରରେ ଦଳ ଉଭୟ ଇଣ୍ଡିଆ ମେଣ୍ଟ ଓ ଏନ୍‌ଡିଏ ଠାରୁ ସମଦୂରତ୍ୱ ବଜାୟ ରଖିଛି। ମାତ୍ର କ୍ଷେତ୍ରସ୍ତରରେ ବିରୋଧୀଙ୍କ ସହ ଦିଲ୍ଲୀରେ ପାଦ ମିଳାଇବା ପ୍ରମାଣିତ କରୁଛି ଯେ ବିଜେଡିର ଗଣିତ ବଦଳିଛି। ରାଜ୍ୟରେ ଏବେ ବିରୋଧୀ ଆସନରେ ଥିବା ବିଜେଡି ନିଜର ସାଂଗଠନିକ ଦକ୍ଷତା ପ୍ରଦର୍ଶନ କରିବା ସହ, କେନ୍ଦ୍ରରେ ଦୁର୍ବଳ ହେଉଥିବା ବିଜେପି ବିରୋଧରେ ଖୋଲାଖୋଲି ମୋର୍ଚ୍ଚା ଖୋଲିବାକୁ ସ୍ଥିର କରିଛି। ସାମ୍ବିଧାନିକ ସଂସ୍ଥାର ସୁରକ୍ଷା ନାଁରେ ହେଉଥିବା ଏହି ଆନ୍ଦୋଳନ, ବାସ୍ତବରେ ବଦଳୁଥିବା ଜାତୀୟ ରାଜନୀତି ପ୍ରତି ନବୀନଙ୍କ ନିର୍ଭୀକ ଏବଂ ଆକ୍ରମଣାତ୍ମକ ଆଭିମୁଖ୍ୟର ଏକ ସ୍ପଷ୍ଟ ପ୍ରତିଫଳନ।

# କୋଡିଙ୍ଗା ତହସିଲରେ ସର୍ବାଧିକ ୧୦୪୪ ଘର ଆଶିଂକ ଭାବେ ଭାଙ୍ଗିଥିବା ଆକଳନ

**ନବରଙ୍ଗପୁର, ୬।୧୦(ନି.ସୂ) :** ଗତ ୨୪ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ବଙ୍ଗୋପସାଗର ସୃଷ୍ଟି ହୋଇଥିବା 'ଗଭୀର ଅବପାତ' ଯୋଗୁଁ ନବରଙ୍ଗପୁର ଜିଲ୍ଲାରେ ଲଘୁଚାପ ଜନିତ ପ୍ରବଳ ବର୍ଷା ହୋଇ ବ୍ୟାପକ କ୍ଷତି ରଚିଥିଲା । ନବରଙ୍ଗପୁର ଜିଲ୍ଲା ପ୍ରଶାସନର ପ୍ରାରମ୍ଭିକ ଆକଳନ ଅନୁସାରେ କୋଡିଙ୍ଗା ତହସିଲରେ ସର୍ବାଧିକ ୧୦୪୪ ଜଣଙ୍କ ଘର ଆଂଶିକ ଭାବରେ ଭାଙ୍ଗିବାର ଆକଳନ କରାଯାଇଛି, ଗୋଟିଏ ଘର ପିଛା ୪୦୦୦ ଟଙ୍କା ହିସାବରେ ମୋଟ ୪୧,୮୨,୫୦୦ ଟଙ୍କା ବର୍ତ୍ତମାନ ଯାଏଁ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ପୈଠ କରାଯାଇଛି।



ସେହିପରି ନବରଙ୍ଗପୁର ତହସିଲରେ ୩୩୧ ଘର ଏବଂ ୫ ଟି ଗୁହାଳ ବାବଦକୁ ୧୩,୩୯,୦୦୦ ଟଙ୍କା , ନନ୍ଦାହାଣ୍ଡି ତହସିଲରେ ୩୩୨ଘର ଏବଂ ୪ ଟି ଗୁହାଳ ବାବଦକୁ ୧୩,୪୦,୦୦୦ ଟଙ୍କା, ତେନ୍ତୁଳିଖୁଣ୍ଟି ତହସିଲରେ ୬୪ ଘର ବାବଦକୁ ୨,୫୬,୦୦୦ ଟଙ୍କା , ପାପଡାହାଣ୍ଡି ତହସିଲରେ ୧୧୦ଟି ଘର ବାବଦକୁ ୪,୪୦,୦୦୦ ଟଙ୍କା, ଡାବୁଗାଁ ତହସିଲରେ ୧୪ଟି ଘର ବାବଦକୁ ୬୯,୦୦୦ ଟଙ୍କା, ଉମରକୋଟ ତହସିଲରେ ୪୩ଟି ଘର ବାବଦକୁ ୧,୭୨,୦୦୦ଟଙ୍କା, ରାଇଘର ତହସିଲରେ ୨୬ଟି ଘର ବାବଦକୁ ୧,୦୪,୦୦୦ ଟଙ୍କା, ଝରିଗାଁ ତହସିଲରେ ୧୧୨ଟି ଘର ବାବଦକୁ ୪,୪୮,୦୦୦ ଟଙ୍କା ଏବଂ ଚନ୍ଦାହାଣ୍ଡି ତହସିଲରେ ୪୧ ଗୋଟି ଘର ବାବଦକୁ ୧,୭୦,୫୦୦ ଟଙ୍କା ବର୍ତ୍ତମାନ ଯାଏଁ ମୋଟ ୨୧୧୭ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ୮୫,୨୧,୦୦୦ ଟଙ୍କା ପୈଠ କରାଯାଇଛି । ସେହିପରି, କୃଷି ବିଭାଗ ଏବଂ ରାଜସ୍ୱ ବିଭାଗର ଯୁଗ୍ମ ଭାବରେ ତଦନ୍ତ କରି କ୍ଷତି ଗ୍ରସ୍ତ ଚାଷୀଙ୍କ ଫସଲ ହାନି ଆକଳନ କରି ଅତିଶୀଘ୍ର ତାଙ୍କ ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ପୈଠ କରାଯିବ । ପ୍ରକାଶଥାଉକି, ଗତ ୨୪-୦୯-୨୦୨୬ ଠାରୁ ୨୬-୦୯-୨୦୨୬ ତାରିଖ ମଧ୍ୟରେ 'ଗଭୀର ଅବପାତ'ଏବଂ ଲଘୁଚାପ ଜନିତ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତି ର ମୁକାବିଲା ନିମନ୍ତେ ରାଜ୍ୟ ସରକାର ଆଗତୁରା ନବରଙ୍ଗପୁର ଜିଲ୍ଲା ନିମନ୍ତେ ୫ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି ।

# ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କୁ ଯାଞ୍ଚ

**ପଟ୍ଟାମୁଣ୍ଡାଇ, ୬।୧୦(ନି.ସୂ) :** ପୁରୁଣା ବାଇପାସ ଛକ ନିକଟରେ ରାତିରେ ଗାଡିଚାଳକ ମଦ୍ୟପାନ କରି ଗାଡି ଚଳାଉଥିବା ଦୁଇ ଚକିଆ ଓ ଚାରିଚକିଆ



ଗାଡିକୁ ପୋଲିସ ତରଫରୁ ଚେକିଙ୍ଗ କରାଯାଇଥିଲା। ଏହି ଚେକିଙ୍ଗ ସମୟରେ ଦୁଇଟି ଚାରି ଚକିଆ ଯାନ ର ଡ୍ରାଇଭର ଓ ଚାରିଟି ଦୁଇ ଚକିଆ ଗାଡିର ଚାଳକ ମଦ୍ୟପାନ କରି ଗାଡି ଚଳାଉଥିବାରୁ ପୋଲିସ ସେମାନଙ୍କୁ ଧରିଥିଲା। ଏହି ଗାଡି ଗୁଡିକୁ ସିଜ କରାଯିବା ସହ ଏମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଦର୍ଶ ଥାନା ଆଇଆଇସି ମାନସ ମଲ୍ଲିକ କହିଛନ୍ତି।

# ବନ୍ଧୁକ ଦେଖାଇ ଲୁଟ୍ ଅଭିଯୋଗ, ୫ ଗିରଫ

## ବାଇକ୍, ନଗଦ ଟଙ୍କା ଓ ଏୟାର୍ ଗନ୍ ଜବତ

**ମ.ରାମପୁର, ୬।୧୦(ନି.ସୂ) :** ମ.ରାମପୁର ଥାନାରେ ରୁଜୁ ହୋଇଥିବା ଏକ ଲୁଟ୍ ମାମଲାରେ ପୋଲିସ ତ୍ୱରିତ ତଦନ୍ତ କରି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ମ.ରାମପୁର ଥାନା କେସ୍ ନଂ-୨୪୮, ୟୁ ଏସ-୩୧୦(୨) ବିଏନଏସ୍ ଆ/ଡବ୍ଲୁ ସେକ୍. ୨୫ ଆର୍ମସ ଏକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇଥିଲା।

ପୋଲିସ ସୂଚନା ଅନୁସାରେ, ଅଭିଯୋଗ କାରୀ ତାଙ୍କ ଶ୍ୱଶୁର ଘରକୁ ଯାଉଥିବା ସମୟରେ ମୁଟିଙ୍ଗି ଗ୍ରାମ ନିକଟସ୍ଥ ଏକ ନିର୍ଜନ ସ୍ଥାନରେ ୫ ଜଣ ବ୍ୟକ୍ତି ତାଙ୍କୁ ଅଟକାଇଥିଲେ। ସେମାନେ ବନ୍ଧୁକ ଦେଖାଇ ଧମକ ଦେବା ସହ ତାଙ୍କଠାରୁ ନଗଦ ୧,୧୦୦ ଟଙ୍କା ଏବଂ କେଟିଏମ୍ ଡୁକେ ମୋଟରସାଇକେଲ ନଂ (ଓଡ଼ି-୦୮-ଏଏ-୫୫୩୨) ନେଇଯାଇଥିବା ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ କରି ପୋଲିସ ନହଳା ଓରଫ ସୁରେନ୍ଦ୍ର ଭୁଏ (୨୭), ଯାଦବ ଧରୁଆ (୨୪), ବୀରେନ୍ଦ୍ର ଭୁଏ (୨୯), ପ୍ରମୋଦ ଓରଫ କୃଷ୍ଣ ସେଠ (୩୪) ଏବଂ ସୁଶାନ୍ତ ସାହୁ (୨୯)ଙ୍କୁ ଗିରଫ କରିଛି। ସମସ୍ତଙ୍କ ଘର ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ଥାନା



ଅଞ୍ଚଳରେ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।ତଦନ୍ତ ସମୟରେ ଅଭିଯୁକ୍ତମାନଙ୍କ ଠାରୁ କେଟିଏମ୍ ଡୁକେ ମୋଟରସାଇକେଲ, ୟାମାହା ଏମ୍ଟି-୧୫ ମୋଟରସାଇକେଲ (ନମ୍ବର ପ୍ଲେଟ୍ ନଥିବା), କଳା ରଙ୍ଗର ବୁଲେଟ ମୋଟରସାଇକେଲ (ଓଡ଼ି-୦୩-ଏଜି-୫୯୨୧), ବିଭିନ୍ନ ମୋବାଇଲ ଫୋନ, ନଗଦ ୧,୦୫୦ ଟଙ୍କା ଏବଂ ଗୋଟିଏ କଳା ରଙ୍ଗର ଏଆରଗନ ଜବତ କରାଯାଇଛି।

ପୋଲିସ ତଦନ୍ତରୁ ନହଳା ଓରଫ ସୁରେନ୍ଦ୍ର ଭୁଏ ଏବଂ ପ୍ରମୋଦ ଓରଫ କୃଷ୍ଣ ସେଠ ଙ୍କ ନାମରେ ବିଭିନ୍ନ ଥାନାରେ ପୂର୍ବରୁ ଏକାଧିକ ମାମଲା ଥିବା ଜଣାପଡ଼ିଛି। ଅନ୍ୟ ଅଭିଯୁକ୍ତମାନଙ୍କ ପୂର୍ବ ଅପରାଧିକ ରେକର୍ଡ ମଧ୍ୟ ଯାଞ୍ଚ କରାଯାଉଛି। ଗିରଫ ୫ ଅଭିଯୁକ୍ତଙ୍କୁ ନ୍ୟାୟାଳୟରେ ହାଜର କରାଯାଇଛି। ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଏବଂ ଅଭିଯୁକ୍ତ ମାନଙ୍କର ଅନ୍ୟ କୌଣସି ଅପରାଧ ସହ ସମ୍ପର୍କ ରହିଛି କି ନାହିଁ, ସେନେଇ ପୋଲିସର ତଦନ୍ତ ଜାରି ରହିଛି।

## ଅମ୍ବାଦଳାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

# ଶୋଭାଯାତ୍ରାରେ ସାମିଲ ହେଲେ ହଜାର ହଜାର କର୍ମୀ

**ଅମ୍ବାଦଳା, ୬।୧୦(ନି.ସୂ) :** ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଅମ୍ବାଦଳାରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକାଙ୍କ ନିର୍ଦ୍ଦେଶକ୍ରମେ ଅମ୍ବାଦଳାର ଯୁବ ବିଜେଡି ନେତା ତଥା ଜିଲ୍ଲା ଯୁବ ସଭାପତି ଧୀରେନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏହି ପଦଯାତ୍ରା ହୋଇଥିଲା।

ଏଥିରେ ବିଜେଡିର ପୂର୍ବତନ ଗୃହ ମନ୍ତ୍ରୀ ତଥା ବର୍ତ୍ତମାନ ଧର୍ମଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, ରାଜ୍ୟ ବିଜେଡି ସମ୍ପାଦକ ସୁଧୀର ଦାସ,ପୃଥ୍ୱୀ ରାଜ ସାହୁ,ଜ୍ୟୋତି ପ୍ରକାଶ ସାହୁ,ଦେବୀ ପ୍ରକାଶ ପଟନାୟକ,ବିଜେଡି ମହିଳା ସଭାପତି ଅନୁସୟା ମାଝୀ,କାଶୀପୁର ବ୍ଲକ ବରିଷ୍ଠ ବିଜେଡି ନେତା ବିନୋଦ ନାୟକ, ମୁନିଗୁଡ଼ାର ବରିଷ୍ଠ ବିଜେଡି ନେତା ରତନ ଜେନ, ଜିଲ୍ଲା ବିଜେଡି ଉପସଭାପତି ପୂର୍ଣ୍ଣଚନ୍ଦ୍ର ଗୌଡ଼,ଅମ୍ବାଦଳା ବରିଷ୍ଠ ବିଜେଡି ନେତା ବେଲାଜର କରକରିଆ,ଅମ୍ବାଦଳା ବିଜେଡି ନେତା ଜଗନ୍ନାଥ ପ୍ରସାଦ,ଦେବୀ ପ୍ରସାଦ ମୁଖାର୍ଜୀ,ବାବୁ ଅନିଲ,ବେଣୁଧର ଖୋସଲା,ତରୁଣ ବାଥ୍ରା,ବିନୋଦ




ସାହୁ,ରବି ଦଳେଇଙ୍କ ସମେତ ଦଳର ବହୁ ନେତା ଯୋଗଦେଇଥିଲେ।

ପଦଯାତ୍ରାରେ ଦଳୀୟ ନେତା ଓ କର୍ମୀମାନେ ଅମ୍ବାଦଳା ସହର ପରିକ୍ରମା କରିବା ସହ ସ୍ଥାନୀୟ ଲୋକଙ୍କ ସହ ଜନସମ୍ପର୍କ ସ୍ଥାପନ କରିଥିଲେ। ଏଥିରେ ହଜାର ହଜାର ସଂଖ୍ୟାରେ ପୁରୁଷ ଓ ମହିଳା କର୍ମୀ ସାମିଲ ହୋଇଥିଲେ। ଦଳୀୟ ପତାକା ଓ ସ୍ଲୋଗାନରେ ଅମ୍ବାଦଳା ସହର ମୁଖରିତ ହୋଇଥିଲା। ସାଧାରଣ ଲୋକଙ୍କ ସହ ଦଳର ସମ୍ପର୍କକୁ ଅଧିକ ମଜବୁତ କରିବା ସହ ତୃଣମୂଳସ୍ତରରେ ସଂଗଠନକୁ ଆହୁରି ସୁଦୃଢ଼ କରିବା ଏହି ଜନସମ୍ପର୍କ ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଦଳୀୟ ନେତାମାନେ କହିଥିଲେ। ପଦଯାତ୍ରାକୁ ନେଇ ଅମ୍ବାଦଳାରେ ବିଜେଡିର ଶକ୍ତି ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଏହି ଅବସରରେ ବିଜେଡିର ବହୁ ସ୍ଥାନୀୟ ନେତା, ପଦାଧିକାରୀ ଓ କର୍ମୀ ଉପସ୍ଥିତ ରହିଥିଲେ।

## ରୋଗକୁ ନୁହେଁ, ମାନବିକତାକୁ ଦେଲେ ପ୍ରାଧାନ୍ୟ

# କୁଷ୍ଠ ଆକ୍ରାନ୍ତ ବ୍ୟକ୍ତିଙ୍କ ଶବ ସତ୍କାର କଲେ ତହସିଲଦାର, ସରପଞ୍ଚ ଓ ସମାଜସେବୀ

**ବୌଦ୍ଧ, ୬।୧୦(ବ୍ୟୁରୋ) :** ବୌଦ୍ଧ ଜିଲ୍ଲା ପୁରୁଣାକଟକ କଲେଜ ଛକ ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ଦୀର୍ଘଦିନ ଧରି ରହୁଥିବା ଜଣେ କୁଷ୍ଠ ଆକ୍ରାନ୍ତ ବ୍ୟକ୍ତିଙ୍କର ଆଜି ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ବିଶିକେଶନ ନାୟକ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ । କିନ୍ତୁ ମୃତ୍ୟୁ ପରେ ମୃତଦେହକୁ ସତ୍କାର ବା ସ୍ପର୍ଶ କରିବାକୁ ମଧ କେହି ଆଗକୁ ଆସିନଥିଲେ। ଏହି ସମୟରେ ହରଭଙ୍ଗା ତହସିଲଦାର କର୍ଣ୍ଣ ସୁନା ଓ ସ୍ଥାନୀୟ ସରପଞ୍ଚ ଅଶୋକ ସେଠି, ସୁକାନ୍ତ ପଟ୍ଟନାୟକ, ପଞ୍ଚାନନ ଆପଟ, ବାବୁଲି ସାହୁ, ପିଇଓ ଲଡୁ କିଶୋର ସାହୁ, ଯୋଗେନ୍ଦ୍ର ସାହୁ, ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ମାନବିକତାର ପରିଚୟ ଦେଇ ମୃତ ବ୍ୟକ୍ତିଙ୍କର ଶେଷକୃତ୍ୟ ପାଇଁ ପଦକ୍ଷେପ ନେଇଥିଲେ ଏବଂ ଶେଷରେ ସବ ସତ୍କାର କରାଯାଇଥିବା ଜଣାପଡ଼ିଛି।





ସୂଚନା ଅନୁଯାୟୀ, କୃଷ୍ଟ ରୋଗରେ ଆକ୍ରାନ୍ତ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ଶବ ସତ୍କାର କରିବାକୁ କେହି ଆଗେଇ ନଆସିବାରୁ ପରିସ୍ଥିତି ଜଟିଳ ହୋଇଥିଲା। ଏହି ଖବର ପାଇବା ପରେ ତହସିଲଦାର, ସ୍ଥାନୀୟ ସରପଞ୍ଚ ଓ ସମାଜସେବୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ କୌଣସି ଭେଦଭାବ ନକରି ମୃତକଙ୍କ ଶବକୁ ସମ୍ମାନର ସହ ଶବ ସତ୍କାର କରିଥିଲେ। ଏଭଳି ସମ୍ବେଦନଶୀଳ ସମୟରେ ଆଗେଇ ଆସି ମୃତକଙ୍କୁ ଶେଷ ସମ୍ମାନ ଦେବା ସହ ତାଙ୍କ ପରିବାର ପ୍ରତି ମଧ୍ୟ ସମବେଦନା ଜଣାଇଥିଲେ। ଜାତି, ଧର୍ମ, ରୋଗ କିମ୍ବା ସାମାଜିକ ସ୍ଥିତିର ଊର୍ଦ୍ଧ୍ୱରେ ମାନବିକତା ହିଁ ସବୁଠାରୁ ବଡ଼ ପରିଚୟ ଏହି ଘଟଣା ତାହାର ଏକ ଉଦାହରଣ ସୃଷ୍ଟି କରିଛି। ତହସିଲଦାର, ସରପଞ୍ଚ ଓ ସମାଜସେବୀଙ୍କ ଏହି ମାନବିକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

# ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଦାବିଗୁଡିକ ସରକାର ପକ୍ଷରୁ ଆଲୋଚନା, ଆନ୍ଦୋଳନ ସ୍ଥଗିତ

**ଭୁବନେଶ୍ୱର, ୬।୧୦(ନି.ସୂ) :** ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ସଭାପତି ବିଶ୍ୱରଂଜନ ଦାସଙ୍କ ନେତୃତ୍ୱରେ ଏକଦଫା ଦାବି ନେଇ ଗତ ୨୨ ତାରିଖ ଶ୍ରୀକ୍ଷେତ୍ର ପୁରୀରୁ ଏକାମ୍ରକ୍ଷେତ୍ର ଅଭିମୁଖେ ବାହାରିଥିବା ପଦଯାତ୍ରା ଗତ ୨୬ ତାରିଖ ଦିନ ଏକାମ୍ର କ୍ଷେତ୍ରରେ ପ୍ରବେଶ କରି ଲୋୟର ପିଏମଜିରେ ପହଁଞ୍ଚିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କର ନିର୍ଦ୍ଦେଶ କ୍ରମେ ମଏକାମ୍ର ବିଧାୟକ ବାବୁ ସିଂ,ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏବଂ ମହାକାଳପଡାର ମାନ୍ୟବର ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ମହୋଦୟ ମାନେ ସଂଘର ସମାବେଶ ସ୍ଥଳକୁ ଆସି ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ସାନ୍ତ୍ୱନା ଦେଇଥିଲେ । ପରବର୍ତ୍ତୀ ସମୟରେ ମାନନୀୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ କଳିଙ୍ଗ ଷ୍ଟାଡିୟମସ୍ଥିତ ସରକାରୀ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବାବୁ ସିଂ, ସରୋଜ କୁମାର ପ୍ରଧାନ ଦୁର୍ଗା ପ୍ରସନ୍ନ ନାୟକଙ୍କ ଉପସ୍ଥିତିରେ ସଂଘ ସହ ଆଲୋଚନା କରିଥିଲେ ଏବଂ ସନ୍ତୁଷ୍ଟି ମୂଳକ ଆଲୋଚନା ପରେ ୨୦୦୮-୨୦୧୮ ଅନୁଦାନ ନିମନ୍ତେ ପଥ ପରିଷ୍କୃତ ହୋଇଥିଲା। ତେଣୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ଏହି ଭବ୍ୟ ପଦଯାତ୍ରାରେ ଯେଉଁ ମହାନୁଭବ ମାନେ ଯବନିକା ଟାଣିଥିଲେ ସେମାନଙ୍କୁ ଶୁକ୍ରବାର ଗାନ୍ଧୀ ଜୟନ୍ତୀ ଅବସରରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ, ବିଧାୟକ ବାବୁ ସିଂ, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଏବଂ ମହାକାଳପଡାର ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ମହୋଦୟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସଙ୍ଘର ସଭାପତି ଶ୍ରୀଯୁକ୍ତ ବିଶ୍ୱରଂଜନ ଦାସ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ବର୍ଦ୍ଧନାପର୍ବ ଅବସରରେ ସଙ୍ଘର ଆବାହକ ନିଲୁ ନାୟକ, ନୟାଗଡ଼ ଜିଲ୍ଲାର ଜିଲ୍ଲା ସଂଯୋଜକ ଦେବାଶିଷ ମହାପାତ୍ର,କଟକର ବ୍ୟବସ୍ଥା ପ୍ରମୁଖ ଲିତାରାଣୀ ପ୍ରଧାନ, ହେମନ୍ତ କୁମାର ବାରିକ, ଜାହ୍ନବୀ ପଟ୍ଟନାୟକ,ରୂପାଲି ପଟ୍ଟନାୟକ ଏବଂ ବିଭିନ୍ନ ଜିଲ୍ଲାରୁ ଆସିଥିବା ସଂଘର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଶାନ୍ତିପୂର୍ଣ୍ଣ କ୍ୟାମ୍ପସ ନିର୍ବାଚନ ପାଇଁ ଏସ୍‌ପିମାନଙ୍କୁ ଆଇଜିଙ୍କ ନିର୍ଦ୍ଦେଶ

**କଟକ, ୬।୧୦(ନି.ସୂ) :** ଶିକ୍ଷାବର୍ଷରେ ବିଶ୍ୱବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ଏବଂ ବିଭିନ୍ନ ଛାତ୍ର ସଂଗଠନର ନିର୍ବାଚନକୁ ଶାନ୍ତିପୂର୍ଣ୍ଣ, ଅବାଧ, ନିରପେକ୍ଷ ଓ ସୁଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ କେନ୍ଦ୍ରାଞ୍ଚଳ ଆଇଜି ଡଃ ସତ୍ୟଜିତ ନାୟକ ସମସ୍ତ ଜିଲ୍ଲାର ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ପୁଲିସ ଡିଜିଙ୍କ ନିର୍ଦ୍ଦେଶକ୍ରମେ ଜାରି ହୋଇଥିବା ଏହି ନିର୍ଦ୍ଦେଶନାମାରେ ନିର୍ବାଚନ ସମୟରେ କ୍ୟାମ୍ପସର ଶୈକ୍ଷିକ ପରିବେଶ ଯେପରି ବାଧାପ୍ରାପ୍ତ ନହୁଏ, ତାହା ନିଶ୍ଚିତ କରିବାକୁ କୁହାଯାଇଛି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରଖି ପ୍ରତିଷେଧମୂଳକ ଓ ଆବଶ୍ୟକ ପୁଲିସ ପଦକ୍ଷେପ ନେବାକୁ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସମ୍ବେଦନଶୀଳ ଓ ଅତିସମ୍ବେଦନଶୀଳ ଶିକ୍ଷାନୁଷ୍ଠାନ ଏବଂ ସ୍ଥାନଗୁଡ଼ିକୁ ଚିହ୍ନଟ କରି ସ୍ଥାନୀୟ ଆଇନଶୃଙ୍ଖଳା ସ୍ଥିତିର ଆକଳନ କରିବା ସହ ଆବଶ୍ୟକତା ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା କରିବାକୁ କୁହାଯାଇଛି। ମତଦାନ ଓ ଭୋଟ ଗଣତି କେନ୍ଦ୍ର ସମେତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପର୍ଯ୍ୟାପ୍ତ ପୁଲିସ ମୁତୟନ କରାଯିବ। ନିର୍ବାଚନ ସମୟରେ ଗଣ୍ଡଗୋଳ, ଗୋଷ୍ଠୀ ସଂଘର୍ଷ, ଧମକ, ହିଂସା ଓ ବେଆଇନ ସମାବେଶ ଭଳି ଘଟଣାକୁ ରୋକିବା ପାଇଁ ପ୍ରତିଷେଧମୂଳକ ପଦକ୍ଷେପ ସହ କଡ଼ା



ନଜର ରଖିବାକୁ ଡଃ ନାୟକ କହିଛନ୍ତି। ଆଇନ ଉଲ୍ଲଂଘନ କରୁଥିବା ବ୍ୟକ୍ତି କିମ୍ବା ଗୋଷ୍ଠୀ ବିରୋଧରେ ପରିଚୟ ଓ ସଂଗଠନ ନିର୍ବିଶେଷରେ ଦୃଢ଼ ଏବଂ ନିରପେକ୍ଷ ଆଇନଗତ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। କୁଳପତି, କୁଳସଚିବ, ଅଧ୍ୟକ୍ଷ, ନିର୍ବାଚନ କର୍ତ୍ତୃପକ୍ଷ ଓ ଅନ୍ୟ ସମ୍ପୃକ୍ତ ପକ୍ଷଙ୍କ ସହ ଏସ୍‌ପିମାନେ ନିୟମିତ ସମନ୍ୱୟ ରଖିବେ। ନିର୍ବାଚନ ପୂର୍ବରୁ ସମନ୍ୱୟ ବୈଠକ କରି ସୁରକ୍ଷା ଆବଶ୍ୟକତା ଆକଳନ ଓ ସମ୍ଭାବ୍ୟ ସମସ୍ୟାର ସମାଧାନ କରିବାକୁ କୁହାଯାଇଛି।

# ଜାତୀୟ ପୋଷଣ ମାସ ପାଳିତ, ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନ ସହ ବିଭିନ୍ନ ପ୍ରତିଯୋଗିତା

**ଖୋରଧା, ୬।୧୦(ନି.ସୂ) :** ଖୋରଧା ରେ 'ଆମ ଅଙ୍ଗନବାଡ଼ି, ଆମ ଦାୟିତ୍ୱ' ବାର୍ତ୍ତା ନେଇ ଚାଲିଥିବା ୯ମ ଜାତୀୟ ପୋଷଣ ମାସ-୨୦୨୬ ଅବସରରେ ଖୋରଧା ଜିଲାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସେପ୍ଟେମ୍ବର ୯ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଚାଲିଥିବା ଏହି ଅଭିଯାନରେ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟଗୁଡ଼ିକରେ ପୋଷଣ ସଚେତନତାକୁ ଗୁରୁତ୍ୱ ଦିଆଯାଇଛି। ଜାତୀୟସ୍ତରରେ ଚଳିତ ବର୍ଷର ପୋଷଣ ମାସର ମୁଖ୍ୟ ବିଷୟ ହେଉଛି ଅଙ୍ଗନବାଡ଼ି କେନ୍ଦ୍ରକୁ ସମୁଦାୟର ଅଧିକ ଭାଗୀଦାରି ସହ ସୁଦୃଢ଼ କରିବା। ମଙ୍ଗଳବାର ଖୋରଧା



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଉଦଘାଟନ କରିଥିଲେ। ଜିଲା ମହିଳା ଓ ଶିଶୁ ବିକାଶ ଅଧିକାରିଣୀ କୁସୁମ ପ୍ରହରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ଅଙ୍ଗନବାଡ଼ି କର୍ମୀମାନେ ବିଭିନ୍ନ ପୁଷ୍ଟିକର ଖାଦ୍ୟ ଓ ବ୍ୟଞ୍ଜନ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ଅତିରିକ୍ତ ଜିଲାପାଳ ଖାଦ୍ୟଗୁଡ଼ିକର ସ୍ୱାଦ ଗ୍ରହଣ କରିବା ସହ ଏହାର ପ୍ରସ୍ତୁତି ପ୍ରଣାଳୀ ଓ ପୁଷ୍ଟିଗୁଣ ସମ୍ପର୍କରେ ଅବଗତ ହୋଇଥିଲେ।

ପୋଷଣ ସଚେତନତାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପହଞ୍ଚାଇବା ଲକ୍ଷ୍ୟରେ ରଚନା ଲିଖନ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଓ ତର୍କ ପ୍ରତିଯୋଗିତା ହୋଇଥିଲା। ରଚନା ଲିଖନରେ ଗୁରୁଜଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ସୋମନାଥ ନାୟକ ପ୍ରଥମ, ରନିତା ବେହେରା ଦ୍ୱିତୀୟ ଓ ଆଦିତ୍ୟ ପ୍ରଧାନ ତୃତୀୟ ହୋଇଥିଲେ।

ଚିତ୍ରାଙ୍କନରେ କେରଙ୍ଗ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁଲତାନ ସମ୍ପି ପ୍ରଥମ, ଆତୀୟତୁଃ ସାଫି ଦ୍ୱିତୀୟ ଓ ସୀମା ନାୟକ ତୃତୀୟ ହୋଇଥିଲେ। ସାଧାରଣ ଜ୍ଞାନରେ ମଳିପଡ଼ା କବି ପ୍ରଶ୍ନ ପାଟଶାହାଣୀ ଆଞ୍ଚଳିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶୁଭଶ୍ରୀ ସାହୁ ପ୍ରଥମ, ମେଘା ବର୍ଷିନୀ ଛୁଆଲସିଂହ ଦ୍ୱିତୀୟ ଓ ତପସ୍ୟା ବିଦ୍ୟାଧର ତୃତୀୟ ହୋଇଥିଲେ। ସେହିପରି ତର୍କ ପ୍ରତିଯୋଗିତାରେ ଜଙ୍କିଆ ଭାଗବତ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ସୌମିଶ୍ରୀ ରାୟ ପ୍ରଥମ, ଆଲିଶା ପି. ଚମ୍ପତି ଦ୍ୱିତୀୟ ଓ ଅରୁଷି ସାମନ୍ତରାୟ ତୃତୀୟ ସ୍ଥାନ ହାସଲ କରିଥିଲେ।

କୃତୀ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଓ ଜିଲା ମହିଳା ଓ ଶିଶୁ ବିକାଶ ଅଧିକାରିଣୀ କୁସୁମ ପ୍ରହରାଜ ଟ୍ରଫି ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ପୁଷ୍ଟିକର ଖାଦ୍ୟ, ସନ୍ତୁଳିତ ଆହାର ଓ ଶିଶୁଙ୍କ ସୁସ୍ଥ ବିକାଶ ନେଇ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ଜନସଚେତନତାକୁ ଆହୁରି ବ୍ୟାପକ କରିବା ଉପରେ ଏହି ଅବସରରେ ଗୁରୁତ୍ୱ ଦିଆଯାଇଥିଲା।

# ଖୋଲାଗଲା ମା'ତାରାତାରିଣୀଙ୍କ ଦାନହୁଣ୍ଡି: ମିଳିଲା ୨୫,୯୧,୭୪୩ ଟଙ୍କା,ସୁନା ଓ ରୁପା

**ପୁରୁଷୋତ୍ତମପୁର, ୬।୧୦(ନି.ସୂ) :** ମାଆ ତାରାତାରିଣୀ ଙ୍କ ପାହାଡ଼ ଉପରେ ଥିବା ଦାନ ହୁଣ୍ଡି ପେଡି ଦଶହରା ପୂର୍ବରୁ ପୁରୁଷୋତ୍ତମପୁର ତହସିଲଦାର ତଥା ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ ଷ୍ଟାଫଙ୍କ ଉପସ୍ଥିତି ରେ ଏହା ଖୋଲାଯାଇଛି। ହୁଣ୍ଡି ଖୋଲା ଗଲା ପରେ ବାହାରିଲା ବହୁ ସୁନା, ରୁପା ଅଳଙ୍କାର,ବିଦେଶୀ ମୁଦ୍ରା ସହ ଶ୍ରଦ୍ଧାଳୁଙ୍କ ଭାବ ବିହ୍ୱଳ ଚିଠି ।

ମା ଙ୍କ ପୀଠର ଗର୍ଭ ଗୃହ,ମୁଖ୍ୟ ଦ୍ୱାରରେ ରହିଥିବା ପାଞ୍ଚ ଦାନ ହୁଣ୍ଡିକୁ ଖୋଲିଥିଲା ପ୍ରଶାସନ । ଦୀର୍ଘ ଛଅ ମାସ ପରେ ମା'ଙ୍କ ଦାନ ହୁଣ୍ଡୀ ଖୋଲିଥିବା ବେଳେ ହୁଣ୍ଡିରୁ ଶ୍ରଦ୍ଧାଳୁ ଦାନ କରିଥିବା ଲକ୍ଷାଧିକ ଟଙ୍କା ସହ ବହୁ ସୁନା, ରୁପା ଅଳଙ୍କାର,ବିଦେଶୀ ମୁଦ୍ରା ବାହାରିଛି । ବିଶେଷକରି ମା'ଙ୍କୁ ନିଜ ଦୁଃଖ ଜଣାଇଥିବା ବହୁ



ଶ୍ରଦ୍ଧାଳୁଙ୍କ ଚିଠି ହୁଣ୍ଡିରୁ ଉଧାର ହୋଇଛି । ନିଜ ପରିବାରର ମଙ୍ଗଳ ଏବଂ ଭଲ ଚାକିରୀ କରାଇଦେବାକୁ ଶ୍ରଦ୍ଧାଳୁ ମାନେ ମା'ଙ୍କୁ ଚିଠି ଜରିଆରେ ଜଣାଇଥିବା ବେଳେ ଶ୍ରଦ୍ଧାଳୁଙ୍କ ଭାବବିହ୍ୱଳ ନିବେଦନ ମା ପୂରଣ କରନ୍ତୁ ବୋଲି କହିଛନ୍ତି ପୂଜକ । ତେବେ ଗଣତି କାର୍ଯ୍ୟରେ ପୁରୁଷୋତ୍ତମପୁର ତହସିଲର ସମସ୍ତ କର୍ମଚାରୀଙ୍କ ସମେତ ପୋଲିସ, ବ୍ୟାଙ୍କ କର୍ମଚାରୀ ଏହି ଗଣତି କାର୍ଯ୍ୟରେ ଲାଗିଥିଲେ । ତେବେ ପୁରୁଷୋତ୍ତମପୁର ପୋଲିସ ଅଧିକାରୀ କୁଳମଣି ସେଠୀ ଓ ଥାନା ଷ୍ଟାଫସେବାୟତ ମାନେ, ମୁଖ୍ୟ ପୂଜକ ବାପୁଜୀ ରଣା, ଦେବେନ୍ଦ୍ର ନାଥ ରଣା ସେବାୟତ ସଭାପତି ତପନ କୁମାର ରଣାଙ୍କ ସହିତ ସମସ୍ତ ମନ୍ଦିର ଷ୍ଟାଫଙ୍କ ଉପସ୍ଥିତିରେ ମୋଟ ୨୫,୯୧,୭୪୩, ନଗଦ ଓ ସୁନା ରୁପା, ବିଦେଶୀ ମୁଦ୍ରା ମିଳିଛି ।

# ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କଲେ ଯୁଗ୍ମ ନିର୍ଦ୍ଦେଶିକା

**ଆନନ୍ଦପୁର, ୬।୧୦(ନି.ସୂ) :** ସୂଚନା ଓ ଲୋକସମ୍ପର୍କ ବିଭାଗ, ଉତ୍ତରାଞ୍ଚଳ, ସମ୍ବଲପୁରର ଯୁଗ୍ମ ନିର୍ଦ୍ଦେଶିକା ତଥା ଅତିରିକ୍ତ ଉପନିର୍ଦ୍ଦେଶିକା ଶ୍ରୀମତୀ କଲ୍ୟାଣୀ ଦାଶ କେନ୍ଦୁଝର ଗସ୍ତରେ ଆସି ଆନନ୍ଦପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି।



ଏହି ଅବସରରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପାଳି ପ୍ରିୟଦର୍ଶିନୀ ନାୟକ, ଲାଇବ୍ରେରିଆନ୍ ଶ୍ରୀ ନାରାୟଣ ଦାଶଙ୍କ ସମେତ କାର୍ଯ୍ୟାଳୟର କର୍ମଚାରୀମାନେ ଶ୍ରୀମତୀ ଦାଶଙ୍କୁ ସ୍ୱାଗତ ଜଣାଇଥିଲେ। ଶ୍ରୀମତୀ ଦାଶ କାର୍ଯ୍ୟାଳୟର ବିଭିନ୍ନ ନଥିପତ୍ର, ରେଜିଷ୍ଟର ଓ ସରକାରୀ ଦସ୍ତାବିଜ ଯାଞ୍ଚ କରିବା ସହ ବିଭାଗୀୟ କାର୍ଯ୍ୟଧାରାର ସମୀକ୍ଷା କରିଥିଲେ। ଏଥିସହ ସେ କାର୍ଯ୍ୟାଳୟର ପାଠାଗାର ପରିଦର୍ଶନ କରି ଏହାର ସ୍ଥିତି ଯାଞ୍ଚ କରିଥିଲେ। ପାଠାଗାରର ଆବଶ୍ୟକ ମରାମତି କରାଯାଇ ପାଠକମାନଙ୍କ ପାଇଁ ଅଧିକ ସୁବିଧା ଓ ଉପଯୋଗୀ ପରିବେଶ ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ। ପରେ ଶ୍ରୀମତୀ ଦାଶ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପାଇଁ ଚିହ୍ନଟ ହୋଇଥିବା ଜମି ପରିଦର୍ଶନ କରି ଏହାର ସ୍ଥିତି ଅନୁଧ୍ୟାନ କରିଥିଲେ। ପରିଶେଷରେ, ସମସ୍ତ ସରକାରୀ କାର୍ଯ୍ୟାବଳୀକୁ ସୁଚାରୁ ରୂପେ ସମ୍ପାଦନ କରିବା ସହ ଉପଖଣ୍ଡ ପ୍ରଶାସନ ଏବଂ ସାମ୍ବାଦିକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଓ ଯୋଗସୂତ୍ର ବଜାୟ ରଖି ବିଭାଗୀୟ କାର୍ଯ୍ୟକୁ ଆହୁରି ସୁଦୃଢ଼, ସକ୍ରିୟ ଓ କାର୍ଯ୍ୟକ୍ଷମ କରିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ।

# ଜଙ୍ଗଲ ଲୋକାର୍ପଣ ପାଇଁ ହିନ୍ଦୁସ୍ଥାନ ହେଲପିଙ୍ଗ ହ୍ୟାଣ୍ଡସର ପ୍ରସ୍ତୁତି ବୈଠକ

**ତେଲେଙ୍ଗାପେଣ୍ଠ, ୬।୧୦(ନି.ସୂ) :** କଟକ ସଦର ଅଂଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ହିନ୍ଦୁସ୍ଥାନ ହେଲପିଙ୍ଗ ହ୍ୟାଣ୍ଡସ ଦ୍ୱାରା ବିଗତ ବର୍ଷମାନଙ୍କରେ ସୃଷ୍ଟି କରାଯାଇଥିବା ଜଙ୍ଗଲ ଗୁଡିକର ଲୋକାର୍ପଣ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସଂଗଠନର ପ୍ରତିଷ୍ଠାତା ବାସୁଦେବ ପାତ୍ରଙ୍କ ସଭାପତିତ୍ୱରେ ନଛିପୁରସ୍ଥିତ ଶ୍ରୀ କେଦାରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି।

ସଂଗଠନ ତରଫରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରତି ବର୍ଷ ଆଠରୁ ଦଶ ହଜାର ଚାରା ରୋପଣ କରାଯାଇ ସେମାନଙ୍କର ଉପଯୁକ୍ତ ଯତ୍ନ ନିଆଯାଇ ବଡ଼ କରାଯାଏ । ଏହି କ୍ରମରେ ଅଦ୍ୟାବଧି ସୃଷ୍ଟି ହୋଇଥିବା ୧୨ ଗୋଟି ଜଙ୍ଗଲଗୁଡିକୁ ସଂଲଗ୍ନ ଗ୍ରାମ ବା ପଞ୍ଚାୟତଙ୍କୁ ହସ୍ତାନ୍ତର କରାଯିବା ନିମନ୍ତେ ଏକ ଲୋକାର୍ପଣ ଉତ୍ସବ ନଭେମ୍ବର ୨୨ ତାରିଖରେ କରାଯିବା ପାଇଁ ସ୍ଥିରୀକୃତ ହୋଇଛି । ଏତଦବ୍ୟତୀତ ସଂଗଠନର ଅନ୍ୟ ଏକ ଶାଖା 'ରକ୍ତ ଦାନ'



କାର୍ଯ୍ୟକ୍ରମ ବାବଦରେ ଆଲୋଚନା କରାଯାଇ ରକ୍ତଦାତାଙ୍କ ସଂଖ୍ୟା ବୃଦ୍ଧି ନିମନ୍ତେ ବିଭିନ୍ନ ପଦକ୍ଷେପ ନେବା ବାବଦରେ ଆଲୋଚନା କରାଯାଇଥିଲା। ବୈଠକରେ ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀ ମୁଖ୍ୟ ଅତିଥି, ପ୍ରକୃତି ବନ୍ଧୁ ପ୍ରଭାସ ମଙ୍ଗରାଜ ଓ ବିଶିଷ୍ଟ ଗୋ-ପ୍ରେମୀ ଚିନ୍ମୟ ପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସାମାଜିକ ସେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସାହସ ଓ ଧୌର୍ଯ୍ୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଭାପତି ମାନସରଞ୍ଜନ ନାୟକ ସଭାର ଆଭିମୁଖ୍ୟ, ସମ୍ପାଦକ ରଶ୍ମିରଂଜନ ନାୟକ ସମ୍ପାଦକୀୟ ମତାମତ ରଖିଥିବା ବେଳେ ବରିଷ୍ଠ ସଦସ୍ୟ ସୁମନ୍ତ କୁମାର ସାହୁ,ସୁନୀଲ ସ୍ୱାଇଁ, ମଙ୍ଗେସ ସାହୁ,ଦେବୀ ପ୍ରସାଦ, ଦୁର୍ଗାପ୍ରସାଦ ସାହୁ, ଆଶିଷ ବେହେରା, ପ୍ରେମାନନ୍ଦ ସାହୁ, ଅଜିତ ସାହୁ, ବିଶ୍ୱଜିତ, ଅଶ୍ୱିନୀ କୁମାରଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟ ଉପସ୍ଥିତ ରହି ଆଲୋଚନା ରେ ଭାଗ ନେଇଥିଲେ। ଶେଷରେ ସୁମନ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**AFFIDAVIT**

I, Brundaban Mishra, resident of Vill-Kudopali, PO-Rengali, PS-Lachhipur, Dist-Subarnapur, Odisha, Pin-767068, have changed my minor son's name from Joti Ranjan Mishra to Jyoti Ranjan Mishra for all future purposes. This is sworn vide affidavit before Notary Public Sarat Kumar Meher, Sonepur, on 02/10/2026.

Deponent

**ସୁଖ ଓ ଦୁଃଖର ମିଶ୍ରରେ ହିଁ ଜୀବନ । ସୁଖ ଦୁଃଖର ସନ୍ତୁଳନ ହିଁ ମଣିଷକୁ ସୁସ୍ଥ, ସୁନ୍ଦର ଆଉ ଅଭିଜ୍ଞ କରିତୋଳେ । ତାହାର ଆନୁପାତିକ ମୂଲ୍ୟାୟନ ସମ୍ଭବ ନୁହେଁ । ଆବଶ୍ୟକତା ବି ନୁହେଁ । ଯେତେବେଳେ ଯାହା ଯେମିତି ଯେଉଁ ଅନୁପାତରେ ଆସୁଛି ତାହା ଗ୍ରହଣ କରିବା ଉଚିତ୍ ।**

# ବିରୋଧୀଙ୍କୁ ବିଜେପିର କଟାକ୍ଷ

ନିର୍ବାଚନ କମିଶନଙ୍କୁ ନେଇ ବିରୋଧୀ ଦଳଗୁଡ଼ିକର ଆକ୍ରମଣ ମଧ୍ୟରେ ପାଲଟା ଜବାବ ଦେଇଛି ଭାଜପା। ଭାଜପା ଏମ୍‌ପି ସମ୍ବିତ ପାତ୍ର ବିରୋଧୀ ଦଳଗୁଡ଼ିକ ଉପରେ ତୀବ୍ର ଆକ୍ରମଣ କରି କହିଛନ୍ତି। ଏକ ଯୋଜନାବଦ୍ଧ ପ୍ରୟାସ ମାଧ୍ୟମରେ ରାହୁଲ ଗାନ୍ଧୀଙ୍କୁ କ୍ଷମତାକୁ ଆଣିବା ପାଇଁ ବିରୋଧୀ ଦଳଗୁଡ଼ିକ ଚେଷ୍ଟା କରୁଛନ୍ତି। ସମ୍ବିତ କହିଛନ୍ତି ଯେ, ଏହି ପ୍ରକ୍ରିୟା ଆଜିଠାରୁ ନୁହେଁ ବରଂ ଦୀର୍ଘଦିନ ଧରି ବାରମ୍ବାର ଚାଲିଆସୁଛି। ନିର୍ବାଚନ କମିଶନ ଏବଂ ସିଇସି ଜ୍ଞାନେଶ କୁମାରଙ୍କୁ ନେଇ ବିରୋଧୀଙ୍କ ଅଭିଯୋଗକୁ ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ସିଇସି ଜ୍ଞାନେଶ କୁମାରଙ୍କ ନିଯୁକ୍ତି ୧୯ ଫେବୃଆରୀ ୨୦୨୫ରେ ହୋଇଥିଲା। ଏହା ପୂର୍ବରୁ ଭାଜପା ଲୋକସଭା ଏବଂ ଅନେକ ବିଧାନସଭା ନିର୍ବାଚନ ଜିତିସାରିଥିଲା ବୋଲି ସେ ଦାବି କରିଛନ୍ତି।

**ଏହି ପ୍ରସଙ୍ଗରେ ସାଂସଦ ଶ୍ରୀ ପାତ୍ର କହିଛନ୍ତି, ଆମକୁ ଜ୍ଞାନେଶ ନୁହେଁ, ଗଣେଶ ଜୀ ସାହାଯ୍ୟ କରୁଛନ୍ତି। ବିରୋଧୀ ଦଳଗୁଡ଼ିକ ରାହୁଲ ଗାନ୍ଧୀଙ୍କୁ ବାରମ୍ବାର ରାଜନୈତିକ ଭାବେ ଲଞ୍ଚ ଏବଂ ରିଲଞ୍ଚ କରିବାକୁ ଚେଷ୍ଟା କରୁଥିବା ସମ୍ବିତ ପାତ୍ର ଅଭିଯୋଗ କରିଛନ୍ତି। ଏଥିରେ ସଫଳତା ନ ମିଳିବା ପରେ ବିରୋଧୀ ଦଳଗୁଡ଼ିକ ଅରାଜକତା ସୃଷ୍ଟି କରିବା ସହ ବିଭିନ୍ନ ପ୍ରସଙ୍ଗକୁ ନେଇ ଆକ୍ରମଣ କରୁଛନ୍ତି ।**

**ଫର୍ମ-୬କୁ ନେଇ ଚାଲିଥିବା ଚର୍ଚ୍ଚା ଉପରେ ସମ୍ବିତ ପାତ୍ର କହିଛନ୍ତି, ନିର୍ବାଚନ କମିଶନଙ୍କ ଅନୁସାରେ ଫର୍ମ-୬ରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ବରଂ ଏସଆଇଆର ପ୍ରକ୍ରିୟା ପାଇଁ ଫର୍ମ-୬ ସହ ଏକ ଘୋଷଣାପତ୍ର ଯୋଡ଼ାଯାଇଛି।**

ଏହି ପ୍ରସଙ୍ଗରେ ସାଂସଦ ଶ୍ରୀ ପାତ୍ର କହିଛନ୍ତି, ଆମକୁ ଜ୍ଞାନେଶ ନୁହେଁ, ଗଣେଶ ଜୀ ସାହାଯ୍ୟ କରୁଛନ୍ତି। ବିରୋଧୀ ଦଳଗୁଡ଼ିକ ରାହୁଲ ଗାନ୍ଧୀଙ୍କୁ ବାରମ୍ବାର ରାଜନୈତିକ ଭାବେ ଲଞ୍ଚ ଏବଂ ରିଲଞ୍ଚ କରିବାକୁ ଚେଷ୍ଟା କରୁଥିବା ସମ୍ବିତ ପାତ୍ର ଅଭିଯୋଗ କରିଛନ୍ତି। ଏଥିରେ ସଫଳତା ନ ମିଳିବା ପରେ ବିରୋଧୀ ଦଳଗୁଡ଼ିକ ଅରାଜକତା ସୃଷ୍ଟି କରିବା ସହ ବିଭିନ୍ନ ପ୍ରସଙ୍ଗକୁ ନେଇ ଆକ୍ରମଣ କରୁଛନ୍ତି ।

ଫର୍ମ-୬କୁ ନେଇ ଚାଲିଥିବା ଚର୍ଚ୍ଚା ଉପରେ ସମ୍ବିତ ପାତ୍ର କହିଛନ୍ତି, ନିର୍ବାଚନ କମିଶନଙ୍କ ଅନୁସାରେ ଫର୍ମ-୬ରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ବରଂ ଏସଆଇଆର ପ୍ରକ୍ରିୟା ପାଇଁ ଫର୍ମ-୬ ସହ ଏକ ଘୋଷଣାପତ୍ର ଯୋଡ଼ାଯାଇଛି।

ସୁପ୍ରିମକୋର୍ଟରେ ସିଇସିଙ୍କୁ ହଟାଇବା ଦାବିରେ ଆବେଦନ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ବ୍ୟାଲଟ ପେପରରେ ନିର୍ବାଚନ କରାଯିବା ନେଇ ପ୍ରଶ୍ନକୁ ନେଇ ସମ୍ବିତ କହିଛନ୍ତି, ବ୍ୟାଲଟ ପେପରରେ ନିର୍ବାଚନ ପ୍ରସଙ୍ଗକୁ ନେଇ କଂଗ୍ରେସର ପୂର୍ବ ରେକର୍ଡକୁ ମଧ୍ୟ ଦେଖିବା ଆବଶ୍ୟକ। ୧୯୮୯ରେ ରାଜୀବ ଗାନ୍ଧୀଙ୍କ ସମୟରେ ନିର୍ବାଚନରେ ଇଲେକ୍ଟ୍ରୋନିକ ଭୋଟିଂ ପ୍ରଣାଳୀ ଆଣିବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତ୍ରିପୁରାରେ ନିକଟରେ ଭିଲେଜ କମିଟି ନିର୍ବାଚନ ବ୍ୟାଲଟ୍‌ରେ ହୋଇଥିବାବେଳେ ସେଠାରେ ଭାଜପା ବିଜୟୀ ହୋଇଥିବା ମଧ୍ୟ ସେ ଉଲ୍ଲେଖ କରିଛନ୍ତି।

ସମ୍ବିତ ରାହୁଲ ଗାନ୍ଧୀଙ୍କୁ ପ୍ରଶ୍ନ କରି କହିଛନ୍ତି, ଭୋଟର ତାଲିକାରେ ମୃତ ବ୍ୟକ୍ତିଙ୍କ ନାଁ ରହିବା ଉଚିତ କି ? ଦେଶର ଭୋଟର ତାଲିକାରୁ ପ୍ରାୟ ୨.୮ କୋଟି ମୃତ ବ୍ୟକ୍ତିଙ୍କ ନାଁ ହଟାଇବା ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ରହିଛି। ଏହା ସହିତ କର୍ଣ୍ଣାଟକ ଓ ତାମିଲନାଡୁ ନିର୍ବାଚନକୁ ନେଇ ମଧ୍ୟ ସେ କଂଗ୍ରେସକୁ ପ୍ରଶ୍ନ କରିଛନ୍ତି। ନିର୍ବାଚନ କମିଶନକୁ ନେଇ ବିରୋଧୀଙ୍କ ଅଭିଯୋଗ ଏବଂ ଭାଜପାର ପାଲଟା ଜବାବ ମଧ୍ୟରେ ଏହି ପ୍ରସଙ୍ଗକୁ ନେଇ ଦିଲ୍ଲୀର ରାଜନୈତିକ ମାହୋଲ ଆହୁରି ସରଗରମ ହୋଇଛି।

# ଗଣତନ୍ତ୍ରର ମାର୍ଗ ସ୍ୱରାଜ

ଗଣତନ୍ତ୍ର ଓ ସ୍ୱରାଜ ପରସ୍ପରର ପରିପୂରକ। ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଗଣତନ୍ତ୍ର କହିଲେ ସାଧାରଣ ଜନତାଙ୍କ ଶାସନ ବ୍ୟବସ୍ଥାକୁ ବୁଝାଏ। ସ୍ୱରାଜ କହିଲେ ସାଧାରଣ ଜନତାଙ୍କ ନିଜସ୍ୱ ଶାସନ ପ୍ରଣାଳୀକୁ ବୁଝାଏ। ଅନେକ ସମୟରେ ଦେଖାଯାଏ ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ସ୍ୱରାଜର କଥା ଉଠେ। ଗଣତନ୍ତ୍ରରେ ଦେଖା ଦେଉଥିବା ତ୍ରୁଟି ବିଚ୍ୟୁତିକୁ ହଟାଇ ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବାପାଇଁ ସ୍ୱରାଜର କଥା ଆସେ। ସାଧାରଣ ଜନତାଙ୍କୁ କ୍ଷମତାର ପ୍ରକୃତ ଅଧିକାରୀଭାବେ ସ୍ଥାପନ କରାଯିବା ପାଇଁ ପ୍ରଚେଷ୍ଟା ହୁଏ। ବିଭିନ୍ନ ରାଜନୈତିକ ଦଳ ବିଭିନ୍ନ ସମୟରେ ସ୍ୱରାଜର କଥା କହନ୍ତି। ସ୍ୱରାଜ ପ୍ରତି ଅଙ୍ଗୀକାରବଦ୍ଧତା କଥା କହନ୍ତି। କ୍ଷମତାକୁ ଆସିଲେ ସ୍ୱରାଜର ଅକ୍ଷରେ ଅକ୍ଷରେ ପାଳନ ହେବ ବୋଲି ଘୋଷଣା କରନ୍ତି। ତେବେ ଅଦ୍ୟାବଧି କୌଣସି ରାଜନୈତିକ ଦଳ ସ୍ୱରାଜକୁ ଅକ୍ଷରେ ଅକ୍ଷରେ ପାଳନ କରିବାର ଦେଖାଯାଇ ନାହିଁ। ଏହା ଏକ ସୁନ୍ଦର ରାଜନୈତିକ ସ୍ଲୋଗାନ। କିନ୍ତୁ କାମ କଲାବେଳେ ସ୍ୱରାଜର ଅଣଦେଖା।

ଭାରତୀୟ ସ୍ୱାଧୀନତା ଆନ୍ଦୋଳନ କାଳରେ ସ୍ୱରାଜର ମହତ୍ତ୍ୱ ଯେତିକି ଥିଲା ଏବେ ମଧ୍ୟ ସେତିକି ଅଛି। ସେ ସମୟରେ ସ୍ୱରାଜ କହିଲେ ଇଂରେଜମାନଙ୍କୁ ଦେଶରୁ ହଟାଇ ନିଜେ ନିଜର ଶାସକ ହେବାକୁ ବୁଝାଉଥିଲା। ଇଂରେଜକୁ ହଟାଇବା ପାଇଁ ସ୍ୱରାଜ ଶବ୍ଦର ବହୁଳ ବ୍ୟବହାର ହେଉଥିଲା। ଏହି ଅର୍ଥରେ ସ୍ୱାଧୀନତା ପରେ ସ୍ୱରାଜ ସ୍ଥାପିତ ହୋଇଛି କହିଲେ ଠିକ୍ ହେବ। କିନ୍ତୁ ଭିନ୍ନ ଏକ ଦୃଷ୍ଟିକୋଣରୁ ପ୍ରକୃତରେ ସ୍ୱରାଜ ଆସିଛି ବୋଲି ଅନେକେ ବିଶ୍ୱାସ କରନ୍ତି ନାହିଁ। ଏମାନଙ୍କ ମତରେ ସ୍ୱରାଜର ଅର୍ଥ କେବଳ ଇଂରେଜ ଶାସନକୁ ହଟାଇ ଭାରତୀୟଙ୍କ ଶାସନ ବ୍ୟବସ୍ଥାକୁ ସ୍ଥାପନ କରିବାକୁ ବୁଝାଏ ନାହିଁ। ଏହା ଶାସନ ବ୍ୟବସ୍ଥାର ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟେକଟି ନାଗରୀକକୁ ଭାଗୀଦାର କରିବାକୁ ବୁଝାଏ। ଇଂରେଜମାନଙ୍କୁ ହଟାଇ ଭାରତୀୟଙ୍କ ଶାସନ ବ୍ୟବସ୍ଥା କାଏମ ହୋଇଛି ସତ ହେଲେ ଶାସନରେ ପ୍ରତ୍ୟେକଟି ନାଗରୀକକୁ ଭାଗୀଦାରୀ କରିବା କାର୍ଯ୍ୟ ଏଯାଏଁ ସମ୍ପାଦିତ ହୋଇନାହିଁ। ଅର୍ଥାତ୍ ଆଭ୍ୟନ୍ତରୀଣ ସ୍ୱରାଜ ସ୍ଥାପନ ହୋଇପାରି ନାହିଁ। ନାଗରିକର କର୍ତ୍ତବ୍ୟ କେବଳ ଭୋଟ ଦେବାରେ ସୀମିତ ହୋଇ ରହିଯାଇଛି।

ଇଂରେଜମାନେ ଚାଲିଗଲା ପରେ ତାଙ୍କରି ଢାଞ୍ଚାରେ ଶାସନ ଚାଲିଛି। ଦେଶର ମୁଷ୍ଟିମେୟ ଲୋକ ଶାସନ କ୍ଷମତାକୁ ଉପଭୋଗ କରୁଛନ୍ତି। ସାଧାରଣ ଜନତାଙ୍କ ଭୂମିକା କେବଳ ପ୍ରତିନିଧି ବାଛିବା। ପ୍ରତିନିଧି ବାଛିବା ପରେ ତାଙ୍କ ଭୂମିକା ଶେଷ। ନିର୍ବାଚିତ ଲୋକ ପ୍ରତିନିଧିମାନେ ଆଉ ଜନତାଙ୍କ ନିୟନ୍ତ୍ରଣରେ ନଥାନ୍ତି। ପ୍ରତିନିଧି ବଦଳାଇବା ପାଇଁ ପାଞ୍ଚବର୍ଷ ଅପେକ୍ଷା କରିବାକୁ ପଡେ। ରାଜନୈତିକ ଦଳଗୁଡିକରେ ଏକଛତ୍ରବାଦୀ ଭାବନା ଦେଖା ଦେଉଛି। ଜଣେ ଦୁଇଜଣଙ୍କ ଇଚ୍ଛାରେ ଦଳ ପରିଚାଳିତ ହେଉଛି। ଏହିପ୍ରକାର ଦଳ ଯେତେବେଳେ କ୍ଷମତାକୁ ଆସନ୍ତି ସେମାନେ ପ୍ରାଇଭେଟ କମ୍ପାନୀ ଢାଞ୍ଚାରେ ଶାସନ କରନ୍ତି। ସ୍ୱରାଜ ଏମାନଙ୍କ ପାଇଁ ଅନାବଶ୍ୟକ ବ୍ୟବସ୍ଥା ପରି ମନେହୁଏ। କଳେବଳେ କୌଶଳେ ଭୋଟ ହାତେଇବା ଓ ରାଜ କରିବା ଏମାନଙ୍କ ମୂଳ ଲକ୍ଷ୍ୟ ହୋଇଯାଏ। ଟଙ୍କା ଖଟାଓ ଓ ଟଙ୍କା ରୋଜଗାର କରିବା ନୀତିରେ ଏମାନେ ଚାଲନ୍ତି। ସ୍ୱରାଜ କଣ ଏମାନେ ବୁଝନ୍ତି ନାହିଁ।

କେବଳ ବ୍ୟକ୍ତିବାଦୀ ଓ ପରିବାରବାଦୀ ରାଜନୈତିକ ଦଳରେ ଏକଛତ୍ରବାଦୀ ମାନସିକତା ଦେଖାଦିଏ ତା ନୁହେଁ, ଯେଉଁ ରାଜନୈତିକ ଦଳଗୁଡିକ କୋଟରେ ଗଣତନ୍ତ୍ରବାଦୀ ବୋଲି ଦାବୀ କରନ୍ତି ସେମାନଙ୍କ ମଧ୍ୟରେ ମଧ୍ୟ ଏପରି ଏକଛତ୍ରବାଦୀ ଭାବନା ଲୁଚି ରହିଥାଏ। ଅନେକ ସମୟରେ ଏମାନେ ସ୍ୱରାଜ କଥା କହନ୍ତି, କିନ୍ତୁ ସ୍ୱରାଜର ଧାରଧାରନ୍ତି ନାହିଁ। ଏହି ଦଳଗୁଡିକ ମଧ୍ୟ ଗୋଟିଏ ଗୋଷ୍ଠୀଦ୍ୱାରା ପରିଚାଳିତ ହୁଅନ୍ତି। ସାଧାରଣ ଜନତାଙ୍କ ମତକୁ ଏମାନେ ଅପେକ୍ଷା କରନ୍ତି ନାହିଁ କି ସମ୍ମାନ ଦିଅନ୍ତି ନାହିଁ। ପ୍ରତ୍ୟେକ ଦଳୀୟ ସିଦ୍ଧାନ୍ତ ଏମାନେ ନିଜେ ନିଅନ୍ତି ଓ ସାଧାରଣ ସଂଗଠକ ଉପରେ ତାହା ଲଦି ଦିଅନ୍ତି। କେନ୍ଦ୍ରୀୟ ନେତୃତ୍ୱ ଏକଛତ୍ରବାଦୀ ଢାଞ୍ଚାରେ ପରିଚାଳିତ ହୁଏ। ଏମାନେ ଦଳୀୟ ସଂଗଠନକୁ ନିଜ ସ୍ୱାର୍ଥପାଇଁ ବ୍ୟବହାର କରନ୍ତି। ସେହିମାନଙ୍କୁ ସାଙ୍ଗଠନିକ ଦାୟିତ୍ୱ ଦିଆଯାଏ ଯେଉଁମାନେ ତାଙ୍କ ବୋଲକରା ହୋଇଥାନ୍ତି। ସାଙ୍ଗଠନିକ ପଦପଦବୀ ପାଇଁ ଜନମତ ନିଆଯାଏ ନାହିଁ। ପ୍ରାୟତଃ ଦଳୀୟ ସଂଗଠନ ଗଠନରେ ସ୍ୱରାଜ ନୀତିର ଅଣଦେଖା କରାଯାଏ। କୌତୁହଳର ବିଷୟ ଯେଉଁମାନେ ସ୍ୱରାଜ ପ୍ରତିଷ୍ଠାର ନାରା ଦିଅନ୍ତି ସେମାନେ ମଧ୍ୟ ଏହି ପ୍ରକ୍ରିୟାରୁ ବାଦ ପଡ଼ନ୍ତି ନାହିଁ।

ଭାରତୀୟ ଗଣତନ୍ତ୍ରରେ ନିର୍ବାଚନ ଲଢିବା ପାଇଁ ଟିକେଟ ଦେବା ବା ବଣ୍ଟନ କରିବା ବ୍ୟବସ୍ଥା ମଧ୍ୟ ସ୍ୱରାଜ ପ୍ରତି ପ୍ରହସନ। ସଂସଦପାଇଁ ଟିକେଟ ଦିଲ୍ଲୀରେ ଓ ବିଧାନସଭା ପାଇଁ ଟିକେଟ ରାଜ୍ୟ ରାଜଧାନୀରେ ବଣ୍ଟନ ହୁଏ। ଓଡିଶା ବିଧାନସଭା ପାଇଁ ଭୁବନେଶ୍ୱରରେ ଟିକେଟ ବଣ୍ଟାଯାଏ। ଆଶାୟୀ ପ୍ରାର୍ଥୀମାନେ ଭୁବନେଶ୍ୱର କିମ୍ବା ଦିଲ୍ଲୀ ଦଉଡନ୍ତି। ଟିକେଟ ପାଇବାର ମାନଦଣ୍ଡ ହୁଏ ପାର୍ଟିକୁ ଆର୍ଥିକ ସହାୟତା ଦେବା ଓ ତୋଷାମୋଦ। ନେତୃତ୍ୱ ମଧ୍ୟ ଦେଖେ କିଏ କେତେ ପଇସା ବାଲା ଓ କେତେ ଆଜ୍ଞାବହ। ଅନେକ ସମୟରେ ଜଣକର ଜାତି ଓ ଧର୍ମକୁ ମଧ୍ୟ ବିଚାରକୁ ନିଆଯାଏ। ବିଚାର କରାଯାଏ ନାହିଁ ଯେ କାହା ସପକ୍ଷରେ କେତେ ଜନମତ ରହିଛି। ଦେଖାଯାଏ ନାହିଁ ଜଣେ କେତେ ଜ୍ଞାନୀ ଓ କେତେ ଲୋକପ୍ରିୟ। ଏଠାରେ ସ୍ୱରାଜ ନୀତିର ସମ୍ପୂର୍ଣ୍ଣ ଅଣଦେଖା କରାଯାଏ। ସବୁଠାରୁ ଦୁଃଖର କଥା ଯେଉଁମାନେ ସ୍ୱରାଜ ସ୍ଥାପନର ସ୍ୱପ୍ନ ଦେଖାଇ ସଂଗଠନ କରନ୍ତି ସେମାନେ ସ୍ୱରାଜର ନୀତିକୁ ଅନୁସରଣ କରନ୍ତି ନାହିଁ। ଯେଉଁ ରାଜନୈତିକ ଦଳମାନେ ସ୍ୱରାଜକୁ ସ୍ୱୀକାର କରନ୍ତି ନାହିଁ, ନିଜ ଦଳ ମଧ୍ୟରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅନୁସରଣ କରନ୍ତି ନାହିଁ, ସେମାନେ ସମଗ୍ର ଦେଶରେ ଶାସନ ବ୍ୟବସ୍ଥା ମଧ୍ୟରେ ସ୍ୱରାଜ ଆଣିବେ କିପରି ?

ଦେଶରେ 'ସ୍ୱ-ରାଜ'କୁ ହଟାଇ 'ମୋ-ରାଜ' ସ୍ଥାପନ ଗଣତନ୍ତ୍ର ପାଇଁ ବିପଦ। ଏହା ଦେଶକୁ ଏକଛାତ୍ରବାଦୀ ଶାସନ ବ୍ୟବସ୍ଥା ଆଡକୁ ନେଇଯିବ। ଏଥିପାଇଁ ସମସ୍ତଙ୍କୁ ସଚେତନ ହେବାକୁ ପଡିବ। ମୋ-ରାଜ ଶାସନ ବ୍ୟବସ୍ଥାକୁ ବିରୋଧ କରିବାକୁ ହେବ। ଦଳୀୟ କ୍ଷେତ୍ରରେ ପ୍ରତ୍ୟେକଟି ପଦପଦବୀ ଲୋକମତକୁ ନେଇ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ଣ୍ଣୟ ହେବା ଉଚିତ୍। ସଂଖ୍ୟାଧିକଭାବେ ଯାହାକୁ ଲୋକମାନେ ସମର୍ଥନ କରିବେ ସେହିଁ ପଦାଧିକାରୀ ହେବେ। ଭାଇଭତିଜା ଓ ସ୍ୱଜାତିକୁ ନେଇ ନିଯୁକ୍ତି ହେଲେ ସ୍ୱ-ରାଜ ଭାବନା ଧ୍ୱଂସ ହୁଏ। ହୋଟେଲ ରୁମ ଅଥବା ଅଫିସ ରୁମରେ ବସି ରାଜନୀତି କରିବା ସ୍ୱ-ରାଜ ବିରୋଧୀ। ଜନସାଧାରଣଙ୍କ ମଧ୍ୟରେ ସିଦ୍ଧାନ୍ତ ଗ୍ରହଣ ହେଉଛି ପ୍ରକୃତ ସ୍ୱ-ରାଜ। ସେହିପରି ନିର୍ବାଚନ ଲଢିବା ପାଇଁ ଟିକେଟ ବଣ୍ଟନ ବ୍ୟବସ୍ଥା ମଧ୍ୟ ସ୍ୱରାଜ ନୀତିର ବିରୋଧୀ। ଲୋକମାନେ ନିଜ ଅଞ୍ଚଳରେ ବସି ସିଦ୍ଧାନ୍ତ ନିଅନ୍ତୁ କିଏ ତାଙ୍କର ପ୍ରାର୍ଥୀ ହେବେ। ଯାହାର ସପକ୍ଷରେ ଅଧିକ ସକ୍ରୀୟ କର୍ମୀ ରହିବେ ସେହିଁ ସମ୍ପୃକ୍ତ ଦଳର ପ୍ରାର୍ଥୀ ହେବ। ଏଥିପାଇଁ ଦିଲ୍ଲୀ କିମ୍ବା ଭୁବନେଶ୍ୱର ଦୌଡିବାକୁ ପଡିବ ନାହିଁ। କାହାକୁ ତୋଷାମୋଦ କରିବାକୁ ପଡିବନି। ଫଳରେ ସ୍ୱଚ୍ଛୋଟ, ଜ୍ଞାନୀ ଓ ପ୍ରକୃତ ସମାଜସେବୀମାନେ ପ୍ରାର୍ଥୀ ହୋଇ ପାରିବେ। ଟଙ୍କା ତାଙ୍କ ପାଇଁ ପ୍ରତିବନ୍ଧକ ହେବ ନାହିଁ। ତଦ୍ରୁପଭାବେ ରାଜନୈତିକ ସିଦ୍ଧାନ୍ତ ନେବା ସମୟରେ ଲୋକମାନଙ୍କ ମତ ଲୋଡାଯିବା ଉଚିତ୍। ସାଧାରଣ ଜନତା ଅନୁଭବ କରନ୍ତୁ ଯେ ସେମାନେ ମଧ୍ୟ ପ୍ରତ୍ୟେକଟି ଗଣତାନ୍ତ୍ରିକ ପ୍ରକ୍ରିୟାରେ ଭାଗୀଦାର ଅଟନ୍ତି। ଲୋକେ ଅନୁଭବ କରନ୍ତୁ ଯେ ଦେଶରେ ପ୍ରକୃତ ସ୍ୱରାଜ ଆସିଛି। ଅନୁଭବ କରନ୍ତୁ ସେମାନେ ପ୍ରକୃତ ଶାସକ ଅଟନ୍ତି।

ଦେଶରୁ ମୋ-ରାଜକୁ ହଟାଇ ସ୍ୱ-ରାଜକୁ ସ୍ଥାପନ କରିପାରିଲେ ପ୍ରକୃତ ଗଣତନ୍ତ୍ର ଆସିବ। ଆମ ସ୍ୱାଧୀନତା ସେନାନୀମାନଙ୍କ ସେଦିନର ପରିକଳ୍ପିତ ସ୍ୱ-ରାଜର ପ୍ରକୃତ ରୂପରେଖକୁ ଉପଲବ୍ଧି କରାଯାଇ ପାରିବ। ମନେ ରଖିବାକୁ ହେବ ପ୍ରକୃତ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ସ୍ୱ-ରାଜର ସ୍ଥାପନା ଅନିବାର୍ଯ୍ୟ। ସ୍ୱରାଜ ହେଉଛି ଗଣତନ୍ତ୍ରର ଆତ୍ମା।



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ)

ବାରିପଦା, ମୟୁରଭଞ୍ଜ,
ମୋ- ୯୪୩୮୨୪୮୮୫୪

# ମାନନୀୟ ଅପରାଧି !



ଗୋପାଳ ମହାପାତ୍ର

ଗଣତନ୍ତ୍ରରେ ଲୋକପ୍ରତିନିଧି ମାନେ ଜନତାଙ୍କ ଆଶା, ଆକାଂକ୍ଷା ଏବଂ ବିଶ୍ୱାସର ପ୍ରତୀକ ବୋଲି କୁହାଯାଏ। ସାଂସଦ ଏବଂ ବିଧାୟକ ମାନଙ୍କୁ ସମ୍ମାନପୂର୍ବକ 'ମାନନୀୟ' ବୋଲି ମଧ୍ୟ କୁହାଯାଇଥାଏ। କାରଣ ସେମାନେ ଆଇନ୍ ପ୍ରଣୟନ କରିଥାନ୍ତି, ଶାସନକୁ ଦିଗ୍‌ଦର୍ଶନ ଦେଇଥାନ୍ତି। ସମାଜ ଏମାନଙ୍କ ଠାରୁ ଆଦର୍ଶର କଥା ମଧ୍ୟ ଆଶା କରିଥାଏ, କିନ୍ତୁ ଯେତେବେଳେ ଅଧିକ ନିର୍ବାଚିତ ଜନପ୍ରତିନିଧିଙ୍କ ବିରୁଦ୍ଧରେ ଗମ୍ଭୀର ଅପରାଧିକ ମାମଲା ଥିବା କଥା ଜଣାପଡେ ସେତେବେଳେ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ କ'ଣ ରାଜନୀତିରେ ଅପରାଧ/ଅପରାଧିଙ୍କ ପ୍ରବେଶ ସ୍ୱୀକାର୍ଯ୍ୟ ହୋଇଯାଇଛି ? ୨୦୨୪ ଲୋକସଭା ନିର୍ବାଚନ ପରେ ଆସୋସିଏସନ ଫର ଡ଼େମୋକ୍ରାଟିକ୍ ରିଫର୍ମସ(ଏଡ଼ିଆର) ପକ୍ଷରୁ ଏ ପ୍ରସଙ୍ଗରେ ବିଶ୍ଲେଷଣ କରାଯାଇଥିଲା। ବିଶ୍ଲେଷଣରୁ ଜଣାପଡ଼ିଛି ଯେ ୫୪୩ ନିର୍ବାଚିତ ସାଂସଦଙ୍କ ମଧ୍ୟରୁ ୨୫୧ ଅର୍ଥାତ୍ ପାଖାପାଖି ୪୬ ପ୍ରତିଶତ ସାଂସଦ ନିର୍ବାଚନ ବେଳେ ଦେଇଥିବା ସତ୍ୟପାଠରେ ସେମାନଙ୍କ ନାମରେ ଅପରାଧିକ ମାମଲାଥିବା କଥା ଘୋଷଣା କରିଥିଲେ।ଏହି ୨୫୧ଙ୍କ ମଧ୍ୟରୁ ୧୭୦ ସାଂସଦ ଅର୍ଥାତ୍ ୩୧ ପ୍ରତିଶତଙ୍କ ନାମରେ ଗୁରୁତର ଅପରାଧିକ ମାମଲା ରହିଛି।ଏସବୁ ଅପରାଧ ମଧ୍ୟରେ ରହିଛି ହତ୍ୟା, ହତ୍ୟା ପାଇଁ ଉଦ୍ୟମ, କଳାକାର, ଅପହରଣ ଏବଂ ମହିଳାଙ୍କ ବିରୁଦ୍ଧରେ ଅପରାଧ ଭଳି ଗୁରୁତର ମାମଲା।ଏକଥା ମଧ୍ୟ ସ୍ପଷ୍ଟ ଭାବେ ବୁଝିବା ଆବଶ୍ୟକ ଯେ କାହାରି ବିରୁଦ୍ଧରେ ଅପରାଧିକ ମାମଲା ଦାଏରା ହେଲେ ଦୋଷ ପ୍ରମାଣିତ ହୋଇଛି ବୋଲି କୁହାଯାଇ ପାରିବ ନାହିଁ। ୨୦୨୪ ରେ ୨୭ ନିର୍ବାଚିତ ସାଂସଦ ନିଜର ସତ୍ୟପାଠରେ ସେମାନଙ୍କ ବିରୁଦ୍ଧରେ ହୋଇଥିବା ମାମଲା ପ୍ରମାଣିତ ହୋଇଛି ବୋଲି ମଧ୍ୟ ଦର୍ଶାଇଥିଲେ।

ଏହି ସ୍ଥିତି କେବଳ ଗୋଟିଏ ଦଳର ବା ବିଚାରଧାରାର ସମସ୍ୟା ନୁହେଁ। ପ୍ରାୟତଃ ସବୁ ଦଳର ନିର୍ବାଚିତ ପ୍ରତିନିଧି ମାନେ ନିର୍ବାଚନ ବେଳେ ଦେଇଥିବା ସତ୍ୟପାଠରୁ ଅପରାଧିକ ମାମଲା କଥା ଜଣାପଡ଼ିଛି। ଏଥିରୁ ସ୍ପଷ୍ଟ ଯେ ସମସ୍ୟା ବ୍ୟାପକ ରାଜନୈତିକ ବ୍ୟବସ୍ଥା ଏବଂ ନିର୍ବାଚନୀ ପ୍ରକ୍ରିୟା ସହ ଯୋଡ଼ିହୋଇରହିଛି। ଏଣୁ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଧାରିବା ଅନିର୍ବାର୍ଯ୍ୟ ହୋଇପଡ଼ିଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ରାଜନୈତିକ ଦଳମାନେ ଅପରାଧିକ ପୃଷ୍ଠଭୂମିଥିବା ପ୍ରାର୍ଥୀଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଟିକେଟ ଦେଉଛନ୍ତି କେମିତି ? ନିର୍ବାଚନ ଲଢ଼ିବା ଓ ଜିତିବାର କ୍ଷମତା, ସ୍ଥାନୀୟ ପ୍ରଭାବ, ଆର୍ଥୀକ ସଂଶାଧନ, ଜାତିଗତ ବା ସାମାଜିକ ସମୀକରଣ ଏବଂ ସଂଗଠନାତ୍ମକ ଶକ୍ତି ନିର୍ବାଚନ ରେ ଜିତିବାର କ୍ଷମତା ରଖିଥାଏ। କିନ୍ତୁ ପ୍ରାର୍ଥୀଚୟନ ବେଳେରାଜନୈତିକ ଦଳ ମାନେ ଏହାକୁ ଅନ୍ତିମ ଆଧାର ବୋଲି ଗ୍ରହଣ କରିବା ଅନୁଚିତ। ଲୋକଙ୍କର ଜାଣିବାର ଅଧିକାର ରହିଛି ଯେ ଅପରାଧିକ ପୃଷ୍ଠଭୂମିର ବ୍ୟକ୍ତିଙ୍କୁ ଟିକେଟ ଦେବା ପାଇଁକାହିଁକି ନିଷ୍ପ□ ନିଆଗଲା। ମାନ୍ୟବର ସୁପ୍ରିମ୍ ଏପ୍ରସଙ୍ଗରେ କହିଛନ୍ତି ଯେ ରାଜନୈତିକ ଦଳମାନେ ଅପରାଧ ପୃଷ୍ଠଭୂମୀର ବ୍ୟକ୍ତିଙ୍କ ସମସ୍ତ ତଥ୍ୟ ଅବଗତ କରାଇବେ ଓ ଏଭଳି ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିବାର କାରଣ ମଧ୍ୟ ଦର୍ଶାଇବେ। ମାନ୍ୟବରକୋର୍ଟ ଏକଥା ମଧ୍ୟ କହିଛନ୍ତି ଯେ କାରଣ କେବଳ ନିର୍ବାଚନରେ ବିଜୟର ସମ୍ଭାବନା ଉପରେ ଆଧାରିତ ହେବାଉଚିତ ନୁହେଁ ବରଂ ପ୍ରାର୍ଥୀଙ୍କ ଯୋଗ୍ୟତା, ଉପଲବ୍ଧି ଏବଂ ପ୍ରାର୍ଥୀ ହେବା ପାଇଁ ଉପଯୁକ୍ତତା ହେବାଉଚିତ୍। କୋର୍ଟଙ୍କ କହିବାର ଉଦେଶ୍ୟ ହେଉଛି ଭୋଟରମାନଙ୍କୁ ସୂଚୀତ ବିକଳ୍ପଜଣାଇବା ଆବଶ୍ୟକ।

କିନ୍ତୁ କେବଳ ସୂଚନା ସାର୍ବଜନିକ କରିଦେଲେ ସମସ୍ୟାର ସମାଧାନ ହେବ ନାହିଁ। ରାଜନୀତିର ଅପରାଧିକରଣକୁ ରୋକିବା ପାଇଁ ନିର୍ବାଚନ ବ୍ୟବସ୍ଥା ଏବଂ ନ୍ୟାୟିକ ବ୍ୟବସ୍ଥାକୁ ସୁଧାରିବାର ଆବଶ୍ୟକତା ରହିଛି। ନ୍ୟାୟାଳୟ ଦ୍ୱାରା ଅପରାଧ ସିଦ୍ଧ ବା ପ୍ରମାଣିତ ହେଲେ ସଂପୃକ୍ତ ବ୍ୟକ୍ତିଙ୍କୁ ନିର୍ବାଚନ ଲଢ଼ିବା ପାଇଁ ସୁଯୋଗ ଦିଆଯିବା ଉପରେ ପ୍ରତିବନ୍ଧ ଲଗାଯିବା ଆବଶ୍ୟକ। କିନ୍ତୁ ମିଥ୍ୟା ଅଭିଯୋଗରେ ଅଭିଯୁକ୍ତଙ୍କୁ ଅନୁଚିତ ଭାବେ ନିର୍ବାଚନ ଭାବେ ନିର୍ବାଚନରେ ଭାଗନେବାରୁ ବଞ୍ଚିତ କରାଯିବା ଉଚିତ୍ ନୁହେଁ। ସାଂସଦ/ ବିଧାୟାକଙ୍କ ନାମରେ ଥିବା ଅପରାଧିକ ମାମଲାର ଶୁଣାଣି ତ୍ୱରିତ କରାଯିବା ଦିଗରେ ପଦକ୍ଷେପ ନିଆଯିବାର ଆବଶ୍ୟକତା ମଧ୍ୟ ରହିଛି। ସର୍ବୋପରି ରାଜନୈତିକ ଦଳ ମାନଙ୍କର ଉତ୍ତର ଦାୟୀତ୍ୱ ନିର୍ଦ୍ଧାରିତ କରାଯିବା ଆବଶ୍ୟକ। ପ୍ରଶ୍ନକେବଳ ଏହା ନୁହେଁ ଯେ କେତେ ମାନନୀୟଙ୍କ ବିରୁଦ୍ଧରେ ଅପରାଧିକ ମାମଲା ରହିଛି। ପ୍ରଶ୍ନ ହେଉଛି ଏଭଳି ପ୍ରାର୍ଥୀଙ୍କ ଚୟନଙ୍କୁ ରୋକିବା ଏବଂ ସେମାନଙ୍କ ପୃଷ୍ଠଭୂମିର ନିରପେକ୍ଷ ତଦନ୍ତ କରିବା ପାଇଁ ରାଜନୈତିକ ବ୍ୟବସ୍ଥା କେମିତି ରହିଛି ? 'ମାନନୀୟ'ଶବ୍ଦକେବଳ ସମ୍ମାନର ସମ୍ବୋଧନ ନୁହେଁ ବରଂ ଜନତାଙ୍କ ପ୍ରତିଉତ୍ତର ଦାୟୀତ୍ୱର ପ୍ରତୀକ ଅଟେ। ରାଜନୀତିକରେ ଅପରାଧିଙ୍କ ପ୍ରଭାବ ବୃଦ୍ଧି ଗଣତନ୍ତ୍ରର ଗରିମା। ଆଇନ୍‌ର ଶାସନ ଏବଂ ଜନତାଙ୍କ ବିଶ୍ୱାସ ପାଇଁ ଏକ ବଡ଼ ଚାଲେ। ମାନନୀୟ ଶବ୍ଦର ମର୍ଯ୍ୟଦା ବଜାୟରଖିବା ଦିଗରେ ରାଜନୈତିକ ଦଳ, ନ୍ୟାୟପାଳିକା, ନିର୍ବାଚନ କମିଶନ ଏବଂ ଭୋଟର-ସମସ୍ତଙ୍କର ଦାୟୀତ୍ୱ ରହିଛି।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

# ଆନନ୍ଦମୂର୍ତ୍ତି ଶ୍ରୀଜଗନ୍ନାଥ

ଅଲେଖ ଚନ୍ଦ୍ର ସାମଲ

ଜୀବର ସ୍ୱରୂପ ଆନନ୍ଦମୟ ହୋଇଥିଲେ ସେ ସର୍ବଦା ଆନନ୍ଦମୟ ବ୍ରହ୍ମଚୈତନ୍ୟଙ୍କ ପରି ଆନନ୍ଦିତ ରହନ୍ତା। କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା ହେଉନାହିଁ। ସେ ଦେହସର୍ବସ୍ୱ ହୋଇ ନିଜେ ପରମାତ୍ମାଙ୍କ ଅଂଶବିଶେଷ ବୋଲି ଚିନ୍ତା କରେ। ନାହିଁ। ଆତ୍ମାକୁ ଭୁଲି ଭୌତିକ ଜଗତରେ ଦେହ ସର୍ବସ୍ୱ ହୋଇ ଘୁରି ବୁଲେ। କ୍ଲେଶ ଭୋଗେ। ଏଠାରେ ମୟଟ ପ୍ରତ୍ୟୟ ବିକାର ଅର୍ଥରେ ନୁହେଁ, ପ୍ରଚୁରତା ଅର୍ଥରେ ବ୍ୟବହୃତ। କୌଣସି କଥାକୁ ସୁଦୃଢ଼ କରିବା ନିମନ୍ତେ ବାରବାର ଦୋହରାଇବାକୁ ଅଭ୍ୟାସ କୁହାଯାଏ। ତୈତ୍ତିରୀୟ ତଥା ବୃହଦାରଣ୍ୟକ ଆଦି ଅନେକ ଉପନିଷଦରେ ଆନନ୍ଦ ଶବ୍ଦର ବାରମ୍ବାର ପ୍ରୟୋଗ ଦେଖିବାକୁ ମିଳେ। ଭାବାର୍ଥ ହେଉଛି ବ୍ରହ୍ମଙ୍କ ଠାରେ ସତ୍ ଓ ଚିତ୍ ତୁଳନାରେ ଆନନ୍ଦ ଅଧିକ ପରିମାଣରେ ଥାଏ। ଜୀବ ଲୌକିକ ଶତ ଶତ ଆନନ୍ଦ ଲାଭ କରୁଥିବାର ଦେଖାଯାଏ।

ବ୍ରହ୍ମ ଆନନ୍ଦ ସିନ୍ଧୁ ହେଲେ ଜୀବ ସେହି ସିନ୍ଧୁର ବିନ୍ଦୁ। ବ୍ରହ୍ମ ଅଖଣ୍ଡ ଆନନ୍ଦ ହେଲାବେଳେ ବ୍ରହ୍ମା ଆଦି ଦେବଗଣ ଓ ଅନ୍ୟମାନେ ବ୍ରହ୍ମାନନ୍ଦର ଏକ କଣିକା ଆଶ୍ରା କରି ବିଭିନ୍ନ ପରିମାଣ ତାରତମ୍ୟର ବିଷୟା-ଆନନ୍ଦରେ ଆନନ୍ଦିତ ହୋଇଥାନ୍ତି। ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ସ୍କନ୍ଦ ପୁରାଣ (୨୭/୧୯)ରେ ଉଲ୍ଲେଖ କରାଯାଇଛି ଯେ ପରମ ବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଆନନ୍ଦ ସହଜ ଓ ସ୍ୱାଭାବିକ। ଆନନ୍ଦସାଗରରୁ ବିନ୍ଦୁଏ ଆନନ୍ଦ ପାଇଲା ପରି ପ୍ରାଣୀ ବିଷୟାନନ୍ଦ ପାଇ ଜୀବନ ଧାରଣ କରିଥାନ୍ତି।

ସହଜ ଆନନ୍ଦରୂପୀ ଶ୍ରୀଜଗନ୍ନାଥଙ୍କର ଏକ ବିନ୍ଦୁ (ଅଂଶ)କୁ ଆଶ୍ରୟ କରି, ନିଖିଳ ବିଷୟାନନ୍ଦ ପ୍ରତିଭାତ ହୁଏ। ଉକ୍ତ ପୁରାଣ (୮/୨୮)ରେ କୁହାଯାଇଛି ଶ୍ରୀଜଗନ୍ନାଥ ଆନନ୍ଦରୂପୀ ଓ ଜଗତବାସୀ ତାଙ୍କର ଆନନ୍ଦାଂଶ ବଳରେ ଜୀବିତ ହୋଇଥାନ୍ତି : ଯଦଂଶମୁପଜୀବନ୍ତି ଜଗନ୍ତ୍ୟାନନ୍ଦରୂପିଣଃ। ଯୋଗୀଋଷିମାନେ ରସମୟ ପରଂବ୍ରହ୍ମକୁ ଉପଲବ୍ଧି କରି ଆନନ୍ଦ ପାଇଥାନ୍ତି। ମିଳିଥାଏ କାରଣ ବ୍ରହ୍ମରୂପୀ ଶ୍ରୀଜଗନ୍ନାଥ ଆନନ୍ଦର କାରଣ ହେତୁ। ତାଙ୍କଠାରୁ ହିଁ ଆନନ୍ଦପ୍ରାପ୍ତି ହୋଇଥାଏ। ଜ୍ଞାନୀଜନ ଅଭ୍ୟାସ ଦ୍ୱାରା ଆନନ୍ଦମୟ ବ୍ରହ୍ମଙ୍କୁ ଅନୁଭବ କରି ତାଙ୍କ ଠାରୁ ମୋକ୍ଷ ଓ ବ୍ରହ୍ମପଦ ପ୍ରାପ୍ତ ହୋଇଥାନ୍ତି। ଶ୍ରୀଜଗନ୍ନାଥ ଆନନ୍ଦମୂର୍ତ୍ତି। ସ୍କନ୍ଦ ପୁରାଣ ମତେ ତେଣୁ ଚିନ୍ତନ / ମନନ / ଧ୍ୟାନ / ଦର୍ଶନ / ସ୍ପର୍ଶନ କଲେ ଜୀବ ପରମ ଆନନ୍ଦ ଲାଭ କରେ।

ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର
ଦୂରଭାଷ : ୯୪୩୭୨୫୭୧୨୩

## ସୂଚନା

**ସୃଜନଶୀଳ ପାଠକ, ଲେଖକ ଓ ଲେଖିକା ' ନିର୍ଭୟ ସୂଚନା'ର ସମ୍ପାଦକୀୟ ପୃଷ୍ଠା ପାଇଁ ଉପଯୁକ୍ତ ଲେଖା ପଠାଇବାକୁ ଅନୁରୋଧ । ଟାଇପ୍ ହୋଇଥିବା ଲେଖା କେବଳ ଗ୍ରହଣ କରାଯିବ । ସପ୍ତାହକ ମଧ୍ୟରେ ଲେଖାଟି ପ୍ରକାଶ ନପାଇଲେ ସମ୍ପାଦକମଣ୍ଡଳି ଦ୍ୱାରା ଏହା ଯୋଗ୍ୟ ବିବେଚିତ ହୋଇନାହିଁ ବୋଲି ଧରିନେବାକୁ ହେବ । ପ୍ରକାଶ ପାଇଥିବା ଲେଖାଟି ସମ୍ପୃକ୍ତ ଲେଖକ ଓ ଲେଖିକାଙ୍କ ନିକଟକୁ ହ୍ୱାଟସପ୍ ଯୋଗେ ଯୋଗାଇ ଦିଆଯିବ ।**

**ଇମେଲ - nirbhaysuchana@gmail.comରେ ଲେଖା ପଠାଇବାକୁ ଅନୁରୋଧ ।**

**ସମ୍ପାଦକ 'ନିର୍ଭୟ ସୂଚନା'**

# 'ଶିକ୍ଷାନୁଷ୍ଠାନରେ ନୈତିକ ଉନ୍ନତି ଓ ମୂଲ୍ୟବୋଧ'

**ଆଜି ଶିକ୍ଷା ବ୍ୟବସ୍ଥା ଅଧିକ ପ୍ରତିଯୋଗିତାମୂଳକ ହୋଇଗଲାଣି। ଛାତ୍ରମାନେ ଅଧିକ ନମ୍ବର ଏବଂ ଭଲ ଚାକିରି ପାଇବା ପାଇଁ ପାଠ ପଢୁଛନ୍ତି। ଏହି କାରଣରୁ, ନୈତିକତା ଏବଂ ମୂଲ୍ୟବୋଧର ଗୁରୁତ୍ୱ ହ୍ରାସ ପାଇଛି। କେତେକ ସମୟରେ ଆମେ ଛାତ୍ରଛାତ୍ରୀମାନଙ୍କୁ ଠକିବା, ମିଛ କହିବା ଏବଂ ଭୁଲ ପଥ ଅନୁସରଣ କରିବା ଭଳି କାର୍ଯ୍ୟକଳାପରେ ଲିପ୍ତ ହେଉଥିବାର ଦେଖୁ। ଏହି ପରିସ୍ଥିତି ଆମକୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାକୁ ପୁନଃ ଗୁରୁତ୍ୱ ଦେବାର ଆବଶ୍ୟକତାକୁ ଅନୁଭବ କରାଏ। ନୈତିକ ଶିକ୍ଷା ପ୍ରଦାନ କରିବାରେ ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଦର୍ଶ ଭାବରେ କାର୍ଯ୍ୟ କରନ୍ତି। ସେମାନଙ୍କର ଆଚରଣ, ଆଦର୍ଶ ଏବଂ ଜୀବନଶୈଳୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରେ।**

ମାନବ ସମାଜର ଉପଯୁକ୍ତ ବିକାଶ ପାଇଁ କେବଳ ଜ୍ଞାନ ଯଥେଷ୍ଟ ନୁହେଁ; ଏଥିପାଇଁ ନୈତିକତା ଏବଂ ମୂଲ୍ୟବୋଧ ଆବଶ୍ୟକ। ଜଣେ ବ୍ୟକ୍ତିକୁ ସଚ୍ଚୋଟ, ଦାୟିତ୍ୱବାନ ଏବଂ ଭଲ ନାଗରିକ ଭାବରେ ଗଢ଼ି ତୋଳିବାରେ ନୈତିକ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ନୈତିକତାର ମୂଳଦୁଆ କେବଳ ଏକ ଶିକ୍ଷାନୁଷ୍ଠାନରେ ସ୍ଥାପନ କରାଯାଇପାରିବ। ସେହିପରି, ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଜ୍ଞାନ ପ୍ରଦାନ କରିବା ପାଇଁ ନୁହେଁ, ବରଂ ମାନବ ଚରିତ୍ର ଗଠନ ପାଇଁ ପବିତ୍ର କେନ୍ଦ୍ର ଭାବରେ କାର୍ଯ୍ୟ କରନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକ ସମାଜର ମୂଳଦୁଆ। ଏଠାରେ, ଛାତ୍ରମାନେ କେବଳ ପୁସ୍ତକୀୟ ଜ୍ଞାନ ନୁହେଁ ବରଂ ଜୀବନ ମୂଲ୍ୟ ମଧ୍ୟ ଶିଖନ୍ତି। ଯଦି ପିଲାମାନଙ୍କୁ ଛୋଟ ବୟସରୁ ସତ୍ୟ, ଅହିଂସା, ଦୟା, ସହନଶୀଳତା, ସହଯୋଗ ଏବଂ ଶୃଙ୍ଖଳା ଭଳି ମୂଲ୍ୟବୋଧ ଶିକ୍ଷା ଦିଆଯାଏ, ତେବେ ସେମାନେ ଭବିଷ୍ୟତରେ ଭଲ ନାଗରିକ ହୋଇପାରିବେ। ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ଉନ୍ନତିର ବହୁତ ଗୁରୁତ୍ୱ ଅଛି। ପ୍ରାଚୀନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ, ନୈତିକତାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଗୁରୁକୂଳ ବ୍ୟବସ୍ଥାରେ, ଛାତ୍ରମାନେ ଜଣେ ଗୁରୁଙ୍କ ମାର୍ଗଦର୍ଶନରେ ରହୁଥିଲେ ଏବଂ ଶିକ୍ଷା ଗ୍ରହଣ କରୁଥିଲେ। ସେଠାରେ, ସେମାନଙ୍କୁ କେବଳ ଶୈକ୍ଷିକ ଜ୍ଞାନ ନୁହେଁ ବରଂ ନୈତିକ ଶିକ୍ଷା ଏବଂ ଜୀବନଶୈଳୀ ମଧ୍ୟ ଶିକ୍ଷା ଦିଆଯାଉଥିଲା। ଗୁରୁକୂଳଗୁଡ଼ିକ ଗୁରୁଙ୍କ ପ୍ରତି ସମ୍ମାନ, ସତ୍ୟବାଦୀ, ଶୃଙ୍ଖଳା ଏବଂ ଆତ୍ମନିୟନ୍ତ୍ରଣ ଭଳି ସଦ୍ଗୁଣ ଶିକ୍ଷା ଦେଉଥିଲେ। ଏହି ବ୍ୟବସ୍ଥା ଛାତ୍ରମାନଙ୍କୁ ଭଲ ଚରିତ୍ର ସହିତ ବିକଶିତ କରିଥିଲା।

କିନ୍ତୁ ଆଜି ଶିକ୍ଷା ବ୍ୟବସ୍ଥା ଅଧିକ ପ୍ରତିଯୋଗିତାମୂଳକ ହୋଇଗଲାଣି। ଛାତ୍ରମାନେ ଅଧିକ ନମ୍ବର ଏବଂ ଭଲ ଚାକିରି ପାଇବା ପାଇଁ ପାଠ ପଢୁଛନ୍ତି। ଏହି କାରଣରୁ, ନୈତିକତା ଏବଂ ମୂଲ୍ୟବୋଧର ଗୁରୁତ୍ୱ ହ୍ରାସ ପାଇଛି। କେତେକ ସମୟରେ ଆମେ ଛାତ୍ରଛାତ୍ରୀମାନଙ୍କୁ ଠକିବା, ମିଛ କହିବା ଏବଂ ଭୁଲ ପଥ ଅନୁସରଣ କରିବା ଭଳି କାର୍ଯ୍ୟକଳାପରେ ଲିପ୍ତ ହେଉଥିବାର ଦେଖୁ। ଏହି ପରିସ୍ଥିତି ଆମକୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାକୁ ପୁନଃ ଗୁରୁତ୍ୱ ଦେବାର ଆବଶ୍ୟକତାକୁ ଅନୁଭବ କରାଏ। ନୈତିକ ଶିକ୍ଷା ପ୍ରଦାନ କରିବାରେ ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଦର୍ଶ ଭାବରେ କାର୍ଯ୍ୟ କରନ୍ତି। ସେମାନଙ୍କର ଆଚରଣ, ଆଦର୍ଶ ଏବଂ ଜୀବନଶୈଳୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରେ। ଯଦି ଶିକ୍ଷକମାନେ ସତ୍ୟବାଦୀ, ଶୃଙ୍ଖଳିତ ଏବଂ ଦାୟିତ୍ୱବାନ ହୁଅନ୍ତି, ତେବେ ଛାତ୍ରଛାତ୍ରୀମାନେ ସମାନ ଗୁଣ ଗ୍ରହଣ କରିବାକୁ ପ୍ରେରଣା ପାଇବେ। ତେଣୁ, ଛାତ୍ରମାନଙ୍କ ଜୀବନ ଗଠନରେ ଶିକ୍ଷକଙ୍କ ନୈତିକ ଆଚରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ବ୍ୟତୀତ, ଶିକ୍ଷାନୁଷ୍ଠାନ ଗୁଡ଼ିକରେ ବିଭିନ୍ନ ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ ନୈତିକ ବିକାଶ ହାସଲ କରାଯାଇପାରିବ। ପ୍ରାର୍ଥନା ସଭା, ପ୍ରବାଦ, ଜାତୀୟ ପର୍ବ ପାଳନ, ସମାଜସେବା କାର୍ଯ୍ୟକ୍ରମ ଏବଂ ସ୍ୱଚ୍ଛତା ଅଭିଯାନ ଭଳି କାର୍ଯ୍ୟକଳାପ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ, ଦାୟିତ୍ୱ ଏବଂ ସହଯୋଗର ଭାବନା ସୃଷ୍ଟି କରେ। ଏହା ସେମାନଙ୍କୁ ସମାଜ ପ୍ରତି ସେମାନଙ୍କର ଦାୟିତ୍ୱ ବୁଝିବାରେ ସାହାଯ୍ୟ କରେ।

ନୈତିକ ବିକାଶ ପାଇଁ ପରିବାର ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଲାମାନେ ପ୍ରଥମେ ଘରେ ନୈତିକତା ଶିଖନ୍ତି। ଯଦି ପରିବାରରେ ସତ୍ୟବାଦୀ, ସମ୍ମାନ ଏବଂ ଶୃଙ୍ଖଳାର ପରିବେଶ ଥାଏ, ତେବେ ସେମାନେ ଏହି ଗୁଣଗୁଡ଼ିକୁ ଗ୍ରହଣ କରନ୍ତି। ଯଦି ଶିକ୍ଷାନୁଷ୍ଠାନ ଏବଂ ପରିବାର ପିଲାମାନଙ୍କୁ ନୈତିକ ଶିକ୍ଷା ଦେବା ପାଇଁ ଏକାଠି କାମ କରନ୍ତି, ତେବେ ସେମାନଙ୍କର ଚରିତ୍ର ସୁଦୃଢ଼ ହୋଇପାରିବ। ଆଜିର ଦୁନିଆରେ, ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ଗଣମାଧ୍ୟମ ଛାତ୍ରଛାତ୍ରୀଙ୍କ ଜୀବନ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି। କେତେକ ସମୟରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ, କିନ୍ତୁ କେତେକ ସମୟରେ ଏହା ନୈତିକ ମୂଲ୍ୟବୋଧକୁ ଦୁର୍ବଳ କରିପାରେ।

ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନୀ ଭାବରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଏବଂ ଭଲ ଏବଂ ଖରାପ ମଧ୍ୟରେ ପାର୍ଥକ୍ୟ ଶିଖାଇବା ଉଚିତ। ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷିତ ହେବାରେ ସାହାଯ୍ୟ କରେ ନାହିଁ ବରଂ ସେମାନଙ୍କୁ ଭଲ ମଣିଷ ହେବାରେ ମଧ୍ୟ ସାହାଯ୍ୟ କରେ।

ନୈତିକତା ବିନା ଶିକ୍ଷା ସମାଜ ପାଇଁ କ୍ଷତିକାରକ ହୋଇପାରେ। ତେଣୁ, ଶିକ୍ଷା ବ୍ୟବସ୍ଥାରେ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀମାନେ ନୈତିକ, ଦାୟିତ୍ୱବାନ ଏବଂ ସଚ୍ଚୋଟ ନାଗରିକ ବିକଶିତ ହୁଅନ୍ତୁ ତାହା ନିଶ୍ଚିତ କରିବା ଆମର ଦାୟିତ୍ୱ। ତେଣୁ, ସମାଜର ପ୍ରଗତି ଏବଂ ଶାନ୍ତି ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାରେ ଉନ୍ନତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

# ପୋଖରୀରେ ବୁଡି ନା ବାଳିକା ମୃତ

ଛତ୍ରପୁର ୬।୨୬ (ନି.ସୂ): ଚମାଖଣ୍ଡି ଥାନା ଅନ୍ତର୍ଗତ ସିନ୍ଦୁରା ପଲ୍ଲୀ ଗ୍ରାମର ଜଣେ ନା ବାଳିକା ପୋଖରୀ ରେ ବୁଡ଼ୀ ମୃତ୍ୟୁ ଘଟିଛି । ସୂଚନା ପ୍ରକାରେ ନିଜ ସାଙ୍ଗ ମାନଙ୍କ ସହିତ ନା ବାଳିକା ଜଣକ ଗ୍ରାମର ପୋଖରୀକୁ ଯାଇଥିବା ବେଳେ ପୋଖରୀରେ ଗୋଡ଼ ଖସି ନା ବାଳିକା ଜଣକ ପାଣି ଭିତରକୁ ଚାଲିଯାଇଥିଲା । ଗ୍ରାମବାସୀ ମାନେ ଝିଅ ଟିକୁ ଉଦ୍ଧାର କରି ଚିକିତ୍ସା ପାଇଁ ଛତ୍ରପୁର ମେଡିକାଲ ନେଇଥିବା ବେଳେ ସେଠାରେ ଡ଼କ୍ଟର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଚମାଖଣ୍ଡି ଥାନାରେ କେସ ନମ୍ବର ୧୯/୨୬ ଅପମୃତ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା ତଦନ୍ତ ଅଧିକାରୀ ଅଭିଜିତ ସାମଲ ସୂଚନା ଦେଇଛନ୍ତି ।

# ସିମୁଳିଆ ବ୍ଲକର ସୁଙ୍ଗୁଡା ଗ୍ରାମରେ ଡକାୟତି



ସିମୁଳିଆ ୦୬।୧୦(ନି.ସୂ.) ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକର ବାଟି ପଞ୍ଚାୟତ ଅନ୍ତର୍ଗତ ସୁଙ୍ଗୁଡା ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଜଣେ ମହିଳା ଙ୍କୁ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରି ସୁନା ଗହଣା ସହିତ ୫୦ ହଜାର ଟଙ୍କା ଲୁଟ୍ କରିଥିବାର ସୂଚନା ଆମର ହସ୍ତଗତ ହୋଇଛି ।ଖବର ଅନୁଯାୟୀ ସୁଦର୍ଶନ ନାୟକଙ୍କ ବିଧବା ପତ୍ନୀ ରତ୍ନମଣୀ ନାୟକ (୪୮)ଓ ମାଆ ତୁଳସୀ ନାୟକ ସୋମବାର ବିଳମ୍ବିତ ରାତିରେ ଘରେ ଶୋଇଥିବା ଅବସ୍ଥାରେ ଦୁଇ ଜଣ ଦୁର୍ବୃତ୍ତ ବାଡ଼ି ପଟ କବାଟ ତାଲା ଭାଙ୍ଗି ଘରେ ପଶିଥିଲେ । ଅତର୍କିତ ଭାବେ ରତ୍ନମଣୀଙ୍କୁ ମରଣାତ୍ମକ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ । ରତ୍ନମଣୀ ଚିତ୍କାର କରି ସେ ସ୍ଥାନ ଛାଡି ଅନ୍ୟ ଏକ ରୁମକୁ ଯାଇ ଭିତର ପଟୁ କବାଟ ବନ୍ଦ କରି ଦେଇଥିଲେ । ତାଙ୍କର ସମ୍ପର୍କୀୟମାନେ ସିମୁଳିଆ ପୋଲିସକୁ ଫୋନ କରି ଜଣାଇବା ପରେ ସିମୁଳିଆ ପୁଲିସ ତତକ୍ଷଣାତ ସୁଙ୍ଗୁଡା ଗ୍ରାମରେ ପହଞ୍ଚି ରତ୍ନମଣିକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସିମୁଳିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।ତେବେ ରତ୍ନମଣିଙ୍କ ସିମୁଳିଆ ଥାନାରେ ଅଭିଯୋଗ ଅନୁଯାୟୀ ଗ୍ରୁପରୁ ଋଣ ଆଣିଥିବା ୫୦ହଜାର ଟଙ୍କା ନେବା ସହ ତାଙ୍କ ବେକରେ ଥିବା ସୁନା ଲକେଟ୍ ହାର ଯାହାର ଆନୁମାନିକ ମୂଲ୍ୟ ୬୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ଦୁର୍ବୃତ୍ତ ମାନେ ନେଇଯାଇଛନ୍ତି । ଅଭିଯୋଗ ପାଇ ସିମୁଳିଆ ପୋଲିସ ଘଟଣାର ତଦନ୍ତ କରୁଥିବାର ଜଣାଯାଇଛି କ୍ଷସିମୁଳିଆ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ବାରମ୍ବାର ଚୋରି ଓ ଡ଼କାୟତି ଘଟଣାରେ ସଂପୃକ୍ତ ଦୋଷୀଙ୍କର ସୁରାକ୍ ସିମୁଳିଆ ପୋଲିସ ନ ପାଇବା ଏକ ମୁଣ୍ଡ ବିନ୍ଧାର କାରଣ ସାଜିଛି ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

# କଟକ ଜିଲ୍ଲାର ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

**କଟକ ୦୬।୧୦ (ନି.ସୂ):** କଟକ ଜିଲ୍ଲାର ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି, ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଏବଂ ପର୍ଯ୍ୟଟନ ବିଭାଗ ଅଧୀନରେ ଚାଲୁଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳତା, ଲକ୍ଷ୍ୟପୂରଣ ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଜି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ବୈଠକରେ ଯୋଗଦେଇ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ।

କଟକ ଜିଲ୍ଲାର ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଗଡ଼ଖାଇର ସୌନ୍ଦର୍ଯ୍ୟକରଣ ଓ ଉନ୍ନତିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ମହିଳାମାନଙ୍କ ଦ୍ୱାରା ହୋମ୍‌ଷ୍ଟେ ଆଦି ପରିଚାଳନା କରାଯାଇ ରୋଜଗାରର ସୁଯୋଗ ସୃଷ୍ଟି କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ସମୀକ୍ଷା ପୂର୍ବକ ବୈଠକରେ ମହିଳା ସଶକ୍ତିକରଣ ଓ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ ଦେଇ ଜିଲ୍ଲାର ଲକ୍ଷପତି ଦିଦିମାନେ ଯେପରି ଆଗାମୀ ଦିନରେ ଆହୁରି ଉନ୍ନତି କରିପାରିବେ, ସେଥିପ୍ରତି ଅଧିକ ଧ୍ୟାନ ଦେବାକୁ ଉପମୁଖ୍ୟମନ୍ତ୍ରୀ କହିଥିଲେ। ଜିଲ୍ଲାରେ ବେକେରୀ ୟୁନିଟ୍, ସିଲେଇ ମେସିନ୍ ଓ ଅନ୍ୟାନ୍ୟ ଆତ୍ମନିଯୁକ୍ତି ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନେ ସ୍ୱାବଲମ୍ବୀ ହେଉଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ସମୀକ୍ଷା ବୈଠକରେ ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ସରୋଜ କୁମାର ସ୍ୱାଇଁ, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ଶ୍ରୀମତୀ ସ୍ୱୟଂପ୍ରଭା ମହାନ୍ତି ଏବଂ ମିଶନ ଶକ୍ତିର ଅତିରିକ୍ତ ସଚିବ ଶ୍ରୀ ଜ୍ୟୋତି ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କଟକ ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ।

ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଓ ଜିଲ୍ଲାର ସାମଗ୍ରିକ ବିକାଶ ସମ୍ପର୍କରେ ମତ ରଖିଥିଲେ। ବୈଠକ ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ସ୍ୱାଗତ ପୂର୍ବକ ସମୀକ୍ଷା ବୈଠକ ବିଷୟରେ ସୂଚନା ପ୍ରଦାନ କରିଥିବାବେଳେ କଟକ ମହାନଗର ନିଗମର




ଆୟୁକ୍ତ ସୁଶ୍ରୀ କିରଣଦୀପ କୌର ସହୋତା ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ବିନୋଦିନୀ ବେହେରା, ଜିଲ୍ଲା ପ୍ରକଳ୍ପ ପରିଚାଳକ ଓ ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ କୈଳାଶ ଚନ୍ଦ୍ର ସେନାପତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ଶ୍ରୀମତୀ ସତରୂପା ଶତପଥି ଏବଂ ପର୍ଯ୍ୟଟନ ବିଭାଗର ଉପନିର୍ଦ୍ଦେଶକ ଶ୍ରୀମତୀ ସୁଜାତା ପଟ୍ଟନାୟକ ନିଜ ନିଜ ବିଭାଗର ଯୋଜନା, ଅଗ୍ରଗତି ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ ଆଠଗଡ଼ ଅନିମେଷ ପ୍ରଧାନ, ଉପଜିଲ୍ଲାପାଳ କଟକ ସଦର ଶ୍ରୀ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପଜିଲ୍ଲାପାଳ ବାଙ୍କୀ ଶ୍ରୀମତୀ ମନସ୍ୱିନୀ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ସିଡିପିଓମାନେ ଉପସ୍ଥିତ ଥିଲେ।

# ଶିବ ମନ୍ଦିରରୁ ଘଣ୍ଟ ଖୋଲିନେଲେ ଦୁର୍ବୃତ୍ତ

ନୀଳଗିରି , ୬ ।୧୦) (ନି,ପ୍ର ): ଲୋକମାନଙ୍କ ମଧ୍ୟରେ ଧର୍ମୀୟ ଭାବନା ବଢ଼ି ଚାଲିଥିବା ବେଳେ ଭକ୍ତମାନେ ମୁକ୍ତହସ୍ତରେ ଦାନଧର୍ମ କରୁଛନ୍ତି । ଅନୁରୂପ ଭାବେ ଦେବିଦେବତାଙ୍କୁ ଖୁଲା ଚେଲେଞ୍ଜ ଦେଇ ମନ୍ଦିର ମାନଙ୍କର ହୁଣ୍ଡୀ, ଅଳଙ୍କାର ଲୁଟ, କରିଚାଲିଛନ୍ତି ଦୁର୍ବୃତ୍ତ । ନୀଳଗିରି ଅଞ୍ଚଳର ବିଭିନ୍ନ ମୋଠ ମନ୍ଦିରରେ ଚୋରି ବଢିଚାଲିଥିବା ବେଳେ ନାରଣପୁର ପଞ୍ଚାୟତ, ଟୋକିପଦା ଗ୍ରାମରେ ବାବା ବୈଷ୍ଣବଶୂର, ଏବଂ ବୈଷ୍ଣବଦେବି ମନ୍ଦିର ଅବସ୍ଥିତ । ଗୋତ ରବିବାର ରାତିରେ କୌଣସି ଦୁର୍ବୃତ୍ତ ବାବା ବୈଷ୍ଣବଶୁର ମନ୍ଦିରରେ ଝୁଲୁଥିବା ୩ ଗୋଟି ଘଣ୍ଟକୁ ନେଇଯାଇଥିଲେ । ସକାଳେ ପୂଜକ ମନ୍ଦିରର ଘଣ୍ଟ ଚୋରି ହୋଇଯାଇଥିବା ଦେଖି ଗ୍ରାମବାସୀଙ୍କୁ ଖବରଦେବା ପରେ ଗ୍ରାମବାସୀଙ୍କ ତରଫରୁ ବରହମପୁର ପୋଲିସରେ ଖବରଦେବା ସହ ପୋଲିସ, ପେଟ୍ରୋଲିଙ୍ଗ କରାଯିବାକୁ ଦାବି କରିଛନ୍ତି ।

# ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦେବବ୍ରତ ମହାପାତ୍ରଙ୍କୁ ଅତିରିକ୍ତ ଦାୟିତ୍ୱ

**ଧାମନଗର,୦୬।୧୦(ନିସୂ) :** ଏସ ଆଇ ଆର କାମରେ ଅନିୟମିତତା ନେଇ ଧାମନଗର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ଙ୍କୁ କିଛିଦିନ ପୂର୍ବରୁ ନିଲମ୍ବିତ



କରାଯାଇଥିଲା। ଭଦ୍ରକ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା (ଡୁଡା) କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ ୩୧୮/୩-୧୦-୨୬ ଆଦେଶ ଅନୁଯାୟୀ ଭଦ୍ରକ ଡେପୁଟି କଲେକ୍ଟର (ଓଏଏସ) ଦେବବ୍ରତ ମହାପାତ୍ରଙ୍କୁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ତେବେ ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଶ୍ରୀ ମହାପାତ୍ର ଧାମନଗର ଏନଏସି ଇଓଙ୍କ ସମସ୍ତ କାର୍ଯ୍ୟଭାର ତୁଲାଇବାକୁ ଚିଠି ରେ କୁହାଯାଇଛି। ଏହି ନିଲମ୍ବନ ଆଦେଶର ନକଲ ପୌର ପ୍ରଶାସନ ନିର୍ଦ୍ଦେଶକ, ଭୁବନେଶ୍ୱର, ଧାମନଗର ଏନଏସି ଅଧକ୍ଷା, ନିଲମ୍ବିତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ନାୟକ ସମେତ ସମ୍ପୃକ୍ତ ବିଭାଗକୁ ଅବଗତ କରାଯାଇଛି।

# ଭାନପୁରରେ ଦେଶାନ୍ତର ଶ୍ରମିକ ସଚେତନତା କାର୍ଯ୍ୟକ୍ରମ

## ସରକାରୀ ଯୋଜନାରେ ସାମିଲ ପାଇଁ ଆହ୍ୱାନ




ଖପ୍ରାଖୋଲ ୦୬/୧୦, ଜ୍ୟୋତି ରଞ୍ଜନ ପଣ୍ଡା (ନି.ସୂ) ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶ୍ରମ ବିଭାଗ ଓ ବ୍ଲକ୍ ପ୍ରସାଶନ ତରଫରୁ ଦେଶାନ୍ତର ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମ ରେ ସହକାରୀ ଶ୍ରମ ଅଧିକାରୀ ବିଭୁଦତ୍ତ ମଲ୍ଲିକ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ସମ୍ମାନୀତ ଅତିଥି ରୂପେ ଉପମୁଖ୍ୟମନ୍ତ୍ରୀ ଙ୍କ ବ୍ଲକ୍ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ, ସିଡ଼ିପିଓ ଅମିତା ପଣ୍ଡା, ଜିଲ୍ଲା ଶ୍ରମ ନିୟୋଜନ ଅଧିକାରୀ ଭରତ ଦାସ , ସରପଞ୍ଚ ରୀନା ଜାଲ ଯୋଗଦେଇଥିଲେ। ଏହି ଅବସରରେ ସରକାରଙ୍କ ଲୋକାଭିମୁଖୀ ଯୋଜନା ରେ ଦେଶାନ୍ତର ଶ୍ରମିକ ପରିବାର ସାମିଲ ହୋଇ ତାର ଲାଭ ଉଠାଇବାକୁ ଅଧିକାରୀ ମାନେ କହିଥିଲେ। ସେହିପରି ଉପସ୍ଥିତି ଅଧିକାରୀ ମାନେ ନିଜ ବିଭାଗ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଭିଟାମାଟିର ସରକାରୀ ଯୋଜନା ରେ ସାମିଲ ହୋଇ ଆତ୍ମନିର୍ଭରଶିଳ ହେବାକୁ ଆଲୋଚନା ହୋଇଥିଲା। ପରେ କିଛି ଶ୍ରମିକ ଙ୍କୁ ନିର୍ମାଣ ଶ୍ରମିକ କାର୍ଡ ବଣ୍ଟନ କରିଥିଲେ ।ଏହି ଅବସରରେ ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ଏପିଓ ପ୍ରଶାନ୍ତ କୁମାର ସାହୁ,ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆ, ସହକାରୀ ମତ୍ସ୍ୟ ଅଧିକାରୀ ଶୁଭ୍ରଜିତ ମହାନ୍ତି ସମେତ ବିଭିନ୍ନ ବିଭାଗର ଅଧିକାରୀ, ପୁରୁଷ ମହିଳା ଉପସ୍ଥିତ ଥିଲେ ।ଶେଷରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଆଠ ତାରିଖ ଓଡିଶା ବନ୍ଦକୁ ସଫଳ ପାଇଁ ସୋମନାଥପୁର ସ୍ଥିତ ତୈଳ ଡିପୋରେ ପ୍ରସ୍ତୁତି ବୈଠକ

ନୀଳଗିରି, ୦୬।୧୦ ( ନି, ପ୍ର,) : ଏଠାରୁ ମାତ୍ର ୫ କିମି ଦୂର ସୋମନାଥପୁର ସ୍ଥିତ ତୈଳ ଡିପୋରେ ଅକ୍ଟୋବର ଆଠ ତାରିଖ ଓଡିଶା ବନ୍ଦକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସୂଚନାରୁ ଜଣା ଯାଇଛି,ଡବଲ ଇଞ୍ଜିନ ସରକାର ଆସିବା ପରେ ରାଷ୍ଟ୍ରୀୟ ସମ୍ପତ୍ତି ଗୁଡିକ କର୍ପୋରେଟ ହାତକୁ ଟେକି ଦିଆଯାଉଛି । ଓଡିଶା ରେଏମ ଏମ ଡି ଆର ଆଇନ୍



ବଳରେ ଓଡିଶାର ଖଣିରୁ ଯେତେ ରାଜସ୍ୱ ଆଦାୟ ହୁଏ ତାହାକୁ କେନ୍ଦ୍ର ସରକାର ହାତକୁ ଟେକି ଦିଆଯିବ । ଯାହାକି ଓଡିଶା ର ଉନ୍ନତି ର ପ୍ରତିବନ୍ଧକ ସୃଷ୍ଟି କରିବ ।ତତ୍ ସହିତ ଏସ ଆଇ ଆର ନାମରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ବିଜେପି ଦଳର ଦଲାଲ ସାଜି ଭାରତର କୋଟି କୋଟି ଭୋଟରଙ୍କ ନାମ କୁ ଭୋଟର ଲିଷ୍ଟ ରୁ ବାଦ ଦେଇ ଛନ୍ତି । ଯାହାଦ୍ୱାରା କି ସେମାନେ ନିଜର ନାଗରିକତ୍ୱ ହରାଇ ଛନ୍ତି ।ଓଡିଶା ରେ ପାଠ୍ୟ ପୁସ୍ତକ ରେ ୧୭୪୨ ଟି ତ୍ରୁଟି ରହିଛି। ଏହାକୁ ସୁଧାର ପାଇଁ ବହୁ ବାର ଦାବି ହୋଇ ଥିଲେ ସୁଦ୍ଧା ତାହା ଅଦ୍ୟାବଧି ପରିବର୍ତ୍ତନ ହେଲା ନାହିଁ ।ବର୍ତ୍ତମାନ ସୁଦ୍ଧା ଛାତ୍ର /ଛାତ୍ରୀ ଭୁଲ ପାଠ୍ୟ ପୁସ୍ତକ ରେ ଅଧ୍ୟୟନ କରୁଛନ୍ତି । ଉକ୍ତ କାର୍ଯ୍ୟ ପାଇଁ ଓଡିଶା ର ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦେବା ଦରକାର । ବନ୍ୟା ରେ କ୍ଷତିଗ୍ରସ୍ତ ଙ୍କୁ ଯଥା ଶୀଘ୍ର କ୍ଷତି ପୂରଣ ଦେବା ପାଇଁ ପଦକ୍ଷେପ ନେବାପାଇଁ ସରକାର ଙ୍କୁ ଦାବୀ କରାଯାଇଛି । ଉକ୍ତ ଚାରି ଦଫା ଦାବୀ ରେ ଇଣ୍ଡିଆ ମେଣ୍ଟ ତରଫରୁ ଅକ୍ଟୋବର ଆଠ ତାରିଖ ଓଡିଶା ବନ୍ଦ ଡାକରା ଦିଆଯାଇଛି । ଏହାକୁ ସମର୍ଥନ ଜାଣଇ ସିଟୁ ଅନୁବନ୍ଧିତ ଟ୍ୟାଙ୍କ୍ ଲ୍ୟାରୀ ୱାର୍କର୍ସ ୟୁନିଅନ ତରଫରୁ ସୋମନାଥପୁର ସ୍ଥିତ ତିନୋଟି ତୈଳ ଡିପୋ ରେ ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ଙ୍କ ନେତୃତ୍ୱରେ ସାଧାରଣ ସଭା ତଥା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ।ଉକ୍ତ ସଭା ରେ ମୋଟର ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିଅନର ସାଧାରଣ ସମ୍ପାଦକ ରାଜକିଶୋର ଲେଙ୍କା ଉପସ୍ଥିତ ରହି ଉକ୍ତ ବନ୍ଦ କୁ ସଫଳ ପାଇଁ ଅନୁରୋଧ କରିଥିଲେ । ଉକ୍ତ ସଭା ରେ ଅମର ରାଉତ,ମଦନ ବେହେରା,ଶୈଳେଶ ଠାକୁର,ସେକ୍ ମୋବାରକ,ଶମ୍ଭୁ ଜେନା,ଦିଲ୍ଲୀପ ଚଢ଼ା ଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଦୁର୍ଗାପୂଜା ପାଇଁ କଟକ ସଦର ଥାନାର ପ୍ରସ୍ତୁତି ବୈଠକ

## ଶାନ୍ତି, ଶୃଙ୍ଖଳା ଓ ନିଶାମୁକ୍ତ ଭସାଣି ଉପରେ ଗୁରୁତ୍ୱ

ଫୁଲନଖରା,୬।୧୦ : ପବିତ୍ର ଦୁର୍ଗାପୂଜାକୁ ଶାନ୍ତି, ଶୃଙ୍ଖଳା ଓ ଭାଇଚାରାର ପରିବେଶ ମଧ୍ୟରେ ପାଳନ କରିବା ସହ ଆଗାମୀ ଭସାଣି ଉତ୍ସବକୁ ସୁରକ୍ଷିତ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ନେଇ କମିଶନରେଟ୍ ପୋଲିସ ପକ୍ଷରୁ କଟକ ସଦର ଥାନା ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତାପନଗରୀସ୍ଥିତ ମା' ଧାକୁଲେଇ ପୀଠସ୍ଥଳୀରେ ଆୟୋଜିତ ଏହି ବୈଠକରେ କଟକ ସଦର ଥାନା ଅଞ୍ଚଳର ବିଭିନ୍ନ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା, ସ୍ଥାନୀୟ ଜନପ୍ରତିନିଧି, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ପୋଲିସ ପ୍ରଶାସନର ଅଧିକାରୀମାନେ ଯୋଗଦେଇ ପୂଜା ଓ ଭସାଣି ଉତ୍ସବକୁ ସୁଚାରୁ ଭାବେ ପରିଚାଳନା ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।ବୈଠକରେ ମୁଖ୍ୟ ଅତିଥି ଭାବେ ଏସିପି ଅମିତାଭ ମହାପାତ୍ର ଯୋଗଦେଇ ଦୁର୍ଗାପୂଜା ଭଳି ଏକ ବଡ଼ ଧାର୍ମିକ ଓ ସାମାଜିକ ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ କରିବାରେ ପୂଜା କମିଟି ଓ ପୋଲିସ ପ୍ରଶାସନର ସମନ୍ୱୟ ଅତ୍ୟନ୍ତ ଜରୁରୀ ବୋଲି ମତ ପ୍ରକାଶ କରିଥିଲେ। ପ୍ରଶାସନ ପକ୍ଷରୁ ଜାରି ହେବାକୁ ଥିବା ବିଧିବ୍ୟବସ୍ଥା ଓ ନିୟମାବଳୀକୁ ପୂଜା କମିଟିଗୁଡ଼ିକ ଅନୁପାଳନ କରିବା ସହ ଭକ୍ତ ଓ ସାଧାରଣ ଲୋକଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବାକୁ ସେ ପରାମର୍ଶ ଦେଇଥିଲେ ।ବିଶେଷକରି ପୂଜା ସମୟରେ ଭିଡ଼ ନିୟନ୍ତ୍ରଣ, ଯାତାୟାତ ବ୍ୟବସ୍ଥା, ମଣ୍ଡପରେ ଶୃଙ୍ଖଳା, ଆଲୋକୀକରଣ, ମାଇକ୍ ଓ ଧ୍ୱନି ବ୍ୟବସ୍ଥା, ଅଗ୍ନି ନିରାପତ୍ତା ଏବଂ ଭସାଣି ସମୟରେ ଶୋଭାଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୂଜା କମିଟିଗୁଡ଼ିକ ପୋଲିସ ପ୍ରଶାସନ ସହ ସମନ୍ୱୟ ରଖି କାର୍ଯ୍ୟ କଲେ ଉତ୍ସବକୁ ଆହୁରି ସୁନ୍ଦର ଓ ଶାନ୍ତିପୂର୍ଣ୍ଣ କରାଯାଇପାରିବ ବୋଲି ମତ ପ୍ରକାଶ ପାଇଥିଲା ।କଟକ ସଦର ଥାନା ଅଧୀନରେ ଥିବା ୩୪ ଗୋଟି ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ଏହି ପ୍ରସ୍ତୁତି ବୈଠକରେ ଯୋଗଦେଇଥିଲେ। ପ୍ରତ୍ୟେକ ପୂଜା କମିଟି ନିଜ ନିଜ ଅଞ୍ଚଳରେ କିଭଳି ଭାବେ ଭକ୍ତଙ୍କ ସୁବିଧା, ଯାତାୟାତ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିପାରିବେ, ସେନେଇ ଆଲୋଚନା ହୋଇଥିଲା ।ସଂଗଠକ ସ୍ୱାଧୀନଚେତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ,




କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ଲିପ୍ସା ନାୟକ, ପୂର୍ଣ୍ଣିମା ସ୍ୱାଇଁ, ନିମାଇଁ ଲେଙ୍କା ଓ ପ୍ରମୋଦ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସମସ୍ତେ ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ସାମୂହିକ ସହଯୋଗ ଓ ସମନ୍ୱୟରେ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନେଇ ନିଜ ନିଜ ମତ ରଖିଥିଲେ ।ବୈଠକରେ ପୂଜାକୁ କେବଳ ଧାର୍ମିକ ଉତ୍ସବ ଭାବେ ନୁହେଁ, ବରଂ ସାମାଜିକ ଏକତା, ଭାଇଚାରା ଓ ପରିବେଶ ସୁରକ୍ଷାର ବାର୍ତ୍ତା ବହନ କରୁଥିବା ଉତ୍ସବରେ ପରିଣତ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହାସହ ପୂଜା ମଣ୍ଡପ ଓ ଶୋଭାଯାତ୍ରା ସମୟରେ ଅନାବଶ୍ୟକ ଭିଡ଼, ବିଶୃଙ୍ଖଳା ଓ ଅସାମାଜିକ କାର୍ଯ୍ୟକଳାପକୁ ଏଡ଼ାଇବାକୁ ପୂଜା କମିଟିଗୁଡ଼ିକୁ ପରାମର୍ଶ ଦିଆଯାଇଥିଲା ।ଏହି ଅବସରରେ ପଲିଥିନ୍‌ମୁକ୍ତ ପୂଜା ମଣ୍ଡପ, ଡିଜେମୁକ୍ତ ରୋଷଣୀ ଏବଂ ନିଶାମୁକ୍ତ ଭସାଣି ପାଇଁ ଯୁବ ସଂଗଠକ ପ୍ରମୋଦ ଓଝା ଆହ୍ୱାନ ଦେଇଥିଲେ। ପରିବେଶ ସୁରକ୍ଷା ସହ ସୁସ୍ଥ ଓ ଶୃଙ୍ଖଳିତ ସମାଜ ପାଇଁ ପୂଜା କମିଟିଗୁଡ଼ିକ ଏଦିଗରେ ଆଗେଇ ଆସିବା ଆବଶ୍ୟକ ବୋଲି ସେ ମତ ରଖିଥିଲେ। ଡିଜେର ଅତ୍ୟଧିକ ଶବ୍ଦ ପରିବେଶ ଓ ସାଧାରଣ ଲୋକଙ୍କ ଉପରେ ପ୍ରଭାବ ପକାଉଥିବାରୁ ଏହାକୁ ଏଡ଼ାଇ ପାରମ୍ପରିକ ବାଦ୍ୟଯନ୍ତ୍ର ଓ ସଂସ୍କୃତିକୁ ପ୍ରାଧାନ୍ୟ ଦେବା ପାଇଁ ଆହ୍ୱାନ କରାଯାଇଥିଲା ।ସେହିପରି ଭସାଣି ଉତ୍ସବ ସମୟରେ ନିଶା ସେବନକୁ ସମ୍ପୂର୍ଣ୍ଣ ଭାବେ ଏଡ଼ାଇବା ଉପରେ କଟକ ସଦର ଥାନା ଅଧିକାରୀ ତୁଷାରକାନ୍ତ ସେଠୀ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଭସାଣି ଶୋଭାଯାତ୍ରାରେ ସାମିଲ ହେଉଥିବା ଯୁବକମାନେ ନିଶାରୁ ଦୂରେଇ ରହିବା ସହ ନିଶାମୁକ୍ତ ଭସାଣି ଆୟୋଜନ କରିବାକୁ ସେ ଆହ୍ୱାନ ଦେଇଥିଲେ। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା ନକରିବା ଏବଂ ଶୋଭାଯାତ୍ରା ସମୟରେ ଟ୍ରାଫିକ୍ ନିୟମ ପାଳନ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ ।ବୈଠକରେ ପ୍ରମୋଦ ଓଝା, ପ୍ରଭାତ ସେନାପତି, ଲକ୍ଷ୍ମୀଧର ପ୍ରଧାନ, ସୁଶାନ୍ତ ମହାନ୍ତି, ନଳିନୀ ସେନାପତି, ପ୍ରଦୀପ ବେହେରା, ପ୍ରସନ୍ନ ପ୍ରଧାନ, ଚିତ୍ତରଞ୍ଜନ କର, ରାଜେଶ ସ୍ୱାଇଁ, ନାରାୟଣ ରାଉତ, ଶୈଳଜାନନ୍ଦ ସାହୁ, ଲିଙ୍ଗରାଜ ମହାନ୍ତି, କୌଶିକ ଜେନା ଓ ବାଦଲ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ ।କଟକ ସଦର ଥାନାର ସମସ୍ତ କର୍ମଚାରୀଙ୍କ ସହ ରଣଜିତ ସ୍ୱାଇଁ ଓ ଗୁଡୁ ସେନାପତି ସଭା କାର୍ଯ୍ୟ ସଞ୍ଚାଳନରେ ସହଯୋଗ କରିଥିଲେ ।ସାରାଂଶରେ, ଆଗାମୀ ଦୁର୍ଗାପୂଜାକୁ ଶାନ୍ତି, ଶୃଙ୍ଖଳା, ସୁରକ୍ଷା, ପରିବେଶ ସଚେତନତା ଓ ସାମାଜିକ ଭାଇଚାରାର ପର୍ବ ଭାବେ ପାଳନ କରିବାକୁ ବୈଠକରେ ସମସ୍ତ ପୂଜା କମିଟି ଓ ଅଞ୍ଚଳବାସୀଙ୍କୁ ଆହ୍ୱାନ ଦିଆଯାଇଥିଲା। ପୋଲିସ ପ୍ରଶାସନ ଓ ପୂଜା କମିଟିର ସମନ୍ୱୟ ହିଁ ଏହି ମହାପର୍ବକୁ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବାର ମୁଖ୍ୟ ଆଧାର ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

# ପିଏମଇସିରେ ଆଇଇଇ ଡେ' ଏବଂ ଏଜ୍ ଏଆଇ ହାକାଥନ୍ ଅନୁଷ୍ଠିତ

ବ୍ରହ୍ମପୁର, ୬।୧୦ (ନି.ସୂ): ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ (ପିଏମଇସି), ବ୍ରହ୍ମପୁରରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କର ଉତ୍ସାହଜନକ ଅଂଶଗ୍ରହଣ ସହିତ ଆଇଇଇ ଡେ' ୨୦୨୬ ପାଳିତ ହୋଇଯାଇଛି। ଏହି ଅବସରରେ ଅକ୍ଟୋବର ୪ ରୁ ୬, ୨୦୨୬ ପର୍ଯ୍ୟନ୍ତ 'ଏଜ୍ ଏଆଇ ହାକାଥନ୍ ୨୦୨୬ ଆୟୋଜିତ ହୋଇଥିଲା, ଯାହାକି କୃତ୍ରିମ ପ୍ରଜ୍ଞା , ଏମ୍ବେଡେଡ୍ ସିଷ୍ଟମ୍ ଏବଂ ଭିଏଲଏସଆଇ ପ୍ରଯୁକ୍ତିବିଦ୍ୟା ଉପରେ କେନ୍ଦ୍ରିତ ଥିଲା। ଏହି ହାକାଥନ୍ ଦେଶର ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ନୂଆ ଯାନ୍ତ୍ରିକ ଜ୍ଞାନକୌଶଳ ଏବଂ କମ୍ପ୍ୟୁଟର ପ୍ରୋଗ୍ରାମ ମାଧ୍ୟମରେ ପ୍ରକୃତ ଜଗତର ସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମରେ ମୋଟ ୨୭ଟି ଦଳର ୧୧୭ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ହାକାଥନ୍‌ରେ ଡ. ଆୟେସ୍କାନ୍ତ ସ୍ୱାଇଁ ଏବଂ ଡ. ରାଜେଶ ତ୍ରିପାଠୀ ମୂଲ୍ୟାଙ୍କନକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମକୁ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲିକମ୍ୟୁନିକେସନ୍ ଇଞ୍ଜିନିୟରିଂ ବିଭାଗ, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗ, ଆଇଇଇଇ ଛାତ୍ର ଶାଖା ପିଏମଇସି ଏବଂ ଅନ୍ୟାନ୍ୟ ଓଉଉଉ ଶାଖାଗୁଡ଼ିକ ମିଳିତ ଭାବରେ ଆୟୋଜନ କରିଥିଲେ। ଏଥିସହିତ ରେନେସାସ୍ ଏଏମଡି ଏବଂ ମାଇକ୍ରୋଚିପ୍ ପରି ଶିଳ୍ପ ଭାଗିଦାରୀମାନଙ୍କଠାରୁ ବୈଷୟିକ ସହଯୋଗ ମଧ୍ୟ ମିଳିଥିଲା।

ପିଏମଇସିର ଅଧ୍ୟକ୍ଷ ପ୍ରଫେସର ଶରତ କୁମାର ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ ଓ ପ୍ରେରିତ କରିଥିଲେ। ପିଏମଇସିର ଡ. ସୂର୍ଯ୍ୟାଲୋକ ଦାଶ ଏବଂ ଡ. ରଘୁନନ୍ଦନ ସ୍ୱାଇଁ ସମଗ୍ର କାର୍ଯ୍ୟକ୍ରମର ସମନ୍ୱୟ କରିଥିଲେ। ଅକ୍ଟୋବର ୬ ତାରିଖରେ ଆଇଇଇ ଡେ' ୨୦୨୬ ଉତ୍ସବ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏକ ଉଦ୍ଘାଟନୀ ସମାରୋହ ଏବଂ ଓଉଉଉ ଭୁବନେଶ୍ୱର ସେକ୍ସନର ପରାମର୍ଶଦାତା ଶ୍ରୀ ହରେକୃଷ୍ଣ ରଥଙ୍କର ଏକ ବୈଷୟିକ ଆଲୋଚନା ଅନ୍ତର୍ଭୁକ୍ତ ଥିଲା। ଏହାବ୍ୟତୀତ ପ୍ରମ୍ପ୍ଟ ଇଞ୍ଜିନିୟରିଂ ପ୍ରତିଯୋଗିତା, ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ କୁଇଜ୍ ଏବଂ ଟେକ୍ ଡିବେଟ୍ ପ୍ରତିଯୋଗିତା ଭଳି ବିଭିନ୍ନ ବୈଷୟିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ ସହିତ କାର୍ଯ୍ୟକ୍ରମଟି ସଫଳତାର ସହିତ ସମାପ୍ତ ହୋଇଥିଲା।

# ଫୁଟପାଥ ଉପରେ ଚେକ୍‌ପୋଷ୍ଟ ନିର୍ମାଣ — ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା,୬।୧୦:କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଦୁହୁରିଆ ଠାରେ ୫୩ନମ୍ବର ଜାତୀୟ ରାଜପଥ କ୍ରସ କରୁଥିବାରୁ ସେଠାରେ ଓଭରବ୍ରିଜ ନିର୍ମାଣ ହୋଇଛି। ସେହି ଓଭର ବ୍ରିଜ ତଳେ ଏବଂ କଟକ-ଚାନ୍ଦବାଲି ରାସ୍ତାର ବାମପାର୍ଶ୍ୱରେ ଥିବା ଫୁଟପାଥ ଉପରେ ଏକ ପୋଲିସ ଚେକ ପୋଷ୍ଟ ବେଆଇନ ଭାବରେ ନିର୍ମାଣ କରାଯାଇଥିବାରୁ ତୁରନ୍ତ ସେହି ଚେକ୍‌ପୋଷ୍ଟକୁ ଉଚ୍ଛେଦ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲା କୃଷକ ବିକାଶ ପରିଷଦ ସଭାପତି ବରିଷ୍ଠ ଆଇନଜୀବୀ ବିଜୟ କୁମାର ପରିଡା ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ସେହି ଫୁଟପାଥ ଉପରେ ପରିବା, ଫଳ ଓ ଛତୁ ଦୋକାନ କରି ନିଜ ପରିବାରର ଗୁଜୁରାଣ ମେ[illegible]ଉଥିବା ଲୋକମାନଙ୍କୁ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଉଚ୍ଛେଦ କରାଯାଇଥିବା ବେଳେ ସେହି ସ୍ଥାନକୁ ଜୋରଜବରଦସ୍ତ ଦଖଲ କରି ପୋଲିସ ଚେକପୋଷ୍ଟ କରାଯିବା ଅତ୍ୟନ୍ତ ବେଆଇନ ଓ ଜନସ୍ୱାର୍ଥ ବିରୋଧୀ ବୋଲି ବିକାଶ ପରିଷଦ ସଭାପତି ଶ୍ରୀ ପରିଡା ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରି ଦାବି କରିଛନ୍ତି ।ସେହି ସ୍ଥାନରେ ଯାତ୍ରୀମାନେ କଟକ, ଭୁବନେଶ୍ୱରକୁ




ଏବଂ ଚଣ୍ଡିଖୋଲକୁ ବସରେ ଯିବା ପାଇଁ ଅପେକ୍ଷା କରୁଥିବା ବେଳେ ଯାତ୍ରୀମାନଙ୍କ ସ୍ୱାର୍ଥ ବିରୋଧରେ ଯାଇ ସେଠାରେ ପୋଲିସ ଚେକ୍‌ପୋଷ୍ଟ କରିବା ଅତ୍ୟନ୍ତ ନିନ୍ଦନୀୟ ଓ ଜନସ୍ୱାର୍ଥ ବିରୋଧୀ ବୋଲି ଶ୍ରୀ ପରିଡା କହିଛନ୍ତି। ଏହାଦ୍ୱାରା ସେହିସବୁ ଅଞ୍ଚଳକୁ ବସରେ ଯିବା ପାଇଁ ଅପେକ୍ଷାରତ ଲୋକମାନେ ରାସ୍ତା ଉପରେ ଛିଡା ହେବାକୁ ବାଧ୍ୟ ହେବେ ଏବଂ ଦୁର୍ଘଟଣାର ଶୀକାର ହୋଇ ବହୁ ମୂଲ୍ୟବାନ ଧନଜୀବନର କ୍ଷୟକ୍ଷତି ହେବ ବୋଲି ଶ୍ରୀ ପରିଡା ଅଭିଯୋଗ କରିଛନ୍ତି। ସେହିସ୍ଥାନରୁ ତୁରନ୍ତ ପୋଲିସ ଚେକପୋଷ୍ଟ ହଟାନଗଲେ ବାଧ୍ୟ ହୋଇ ଲୋକମାନଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କୃଷକ ବିକାଶ ପରିଷଦ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ଶ୍ରୀ ପରିଡା ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

# ଏସଆଇଆରରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟର ଓ ଯୁବ ଭୋଟରଙ୍କୁ ତାଲିକାରେ ସାମିଲ ପାଇଁ ସୁଯୋଗ

## ଅକ୍ଟୋବର ୭, ୮ ଓ ୯ରେ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅଭିଯାନ

### ୧ ଅକ୍ଟୋବର ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ଯୁବକ-ଯୁବତୀ କରିପାରିବେ ଆବେଦନ

ଭୁବନେଶ୍ୱର,୬।୧୦ (ନି.ସୂ) ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପରିପ୍ରେକ୍ଷୀରେ ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ ଓ ଅଦ୍ୟତନ କରିବା ଉଦ୍ଦେଶ୍ୟରେ ଆସନ୍ତାକାଲି ଠାରୁ ରାଜ୍ୟରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ଅକ୍ଟୋବର ୭, ୮ ଓ ୯ ତାରିଖରେ ଏହି ସ୍ୱତନ୍ତ୍ର ଅଭିଯାନ ରାଜ୍ୟବ୍ୟାପୀ ଅନୁଷ୍ଠିତ ହେବ। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଏସଆଇଆର ପ୍ରକ୍ରିୟାରେ କୌଣସି କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରମାନଙ୍କୁ ପୁନଃ ଭୋଟର ତାଲିକାରେ ସାମିଲ କରିବା ଏବଂ ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟରମାନଙ୍କୁ ତାଲିକାରେ ସାମିଲ କରିବା।

ଯେଉଁ ଯୁବକ-ଯୁବତୀମାନେ ୦୧.୧୦.୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଛନ୍ତି, ସେମାନେ ଭୋଟର ତାଲିକାରେ ନିଜ ନାମ ସାମିଲ କରିବା ପାଇଁ ଆବେଦନ କରିପାରିବେ। ଯୋଗ୍ୟ ଯୁବ ଭୋଟରମାନେ ଫର୍ମ-୬ ମାଧ୍ୟମରେ ନାମ ପଞ୍ଜୀକରଣ ପାଇଁ ନିଜ ବୁଥ ସ୍ତରୀୟ ଅଧିକାରୀ ଙ୍କ ନିକଟରେ ଆବେଦନ କରିପାରିବେ। ଏଥିସହିତ, ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ସମୟରେ ଯେଉଁ ଯୋଗ୍ୟ ଭୋଟରମାନଙ୍କ ନାମ କୌଣସି କାରଣରୁ ଚୂଡ଼ାନ୍ତ ଭୋଟର ତାଲିକାରେ ସାମିଲ ହୋଇପାରିନାହିଁ, ସେମାନେ ମଧ୍ୟ ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ନିଜ ନାମ ଯୋଡ଼ିବା ପାଇଁ ଆବେଦନ କରିପାରିବେ। ଭୋଟର ତାଲିକାକୁ ଅଧିକ ନିର୍ଭୁଲ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଚିହ୍ନଟ ହୋଇଥିବା ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରମାନଙ୍କ ସମ୍ପର୍କିତ ତାଲିକା ସମ୍ପୃକ୍ତ ଜିଲ୍ଲା ଏବଂ ଉରଙ ଙଯସସ୍ୱଷବଙ୍କ ୱେବସାଇଟରେ ଉପଲବ୍ଧ କରାଯିବ। ଏହି ତାଲିକା ସମ୍ପର୍କରେ ଆବଶ୍ୟକ ଯାଞ୍ଚ କରିବା ଓ ଯଦି କୌଣସି ଯୋଗ୍ୟ ଭୋଟରଙ୍କ ନାମ ଭୁଲବଶତଃ ଏଥିରେ ବାଦ୍ ପଡିଥାଏ ତେବେ ତାହା ସମ୍ପର୍କରେ ଦାବି ଓ ଆପତ୍ତି ଦାଖଲ କରିବା ପାଇଁ ସୁଯୋଗ ରହିବ।

ସ୍ୱଚ୍ଛ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ପାଇଁ ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରଙ୍କ ସମ୍ପର୍କିତ ତାଲିକା ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ମଧ୍ୟ ପ୍ରଦାନ କରାଯିବ। ରାଜନୈତିକ ଦଳର ପ୍ରତିନିଧିମାନେ ତାଲିକାକୁ ଯାଞ୍ଚ କରି ଆବଶ୍ୟକ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଏହା ମାଧ୍ୟମରେ ଭୋଟର ତାଲିକାରେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ସୁନିଶ୍ଚିତ କରିବା ସହ ଅଯୋଗ୍ୟ କିମ୍ବା ଅସଙ୍ଗତ ଏଣ୍ଟ୍ରି ଚିହ୍ନଟ ଓ ସଂଶୋଧନ କରିବାରେ ସହାୟତା ମିଳିବ।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶାନୁଯାୟୀ, ଜିଲ୍ଲାସ୍ତରରେ ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀ ଙ୍କୁ ବାଦ୍ ପଡିଥିବା ଯୋଗ୍ୟ ଭୋଟର ଓ ଯୁବ ଭୋଟରମାନଙ୍କୁ ଭୋଟର ତାଲିକାରେ ସାମିଲ କରିବା ସମ୍ପର୍କରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବି ଏଲ ଓ ମାନଙ୍କୁ ନିଜ ନିଜ ଅଧୀନସ୍ଥ ଅଞ୍ଚଳରେ ଭୋଟର ତାଲିକାରେ ବାଦ୍ ପଡିଥିବା ଯୋଗ୍ୟ ଭୋଟର ନାମ ଓ ନୂତନ ଯୁବ ଭୋଟର ଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟାକୁ ସୁଗମ କରିବା ନିମନ୍ତେ ଆବଶ୍ୟକ ସହଯୋଗ ଓ ମାର୍ଗଦର୍ଶନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

